# ସର୍ବହରା କ୍ରାନ୍ତି

●ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ)●ଓଡ଼ିଆ ମୁଖପତ୍ର - ପାକ୍ଷିକ ● ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ● ମୂଲ୍ୟ: ଦୁଇଟଙ୍କା

VOL NO.- 04, ISSUE NO.-21, DATE : 16.01.2015-31.01.2015, FORTNIGHTLY (ODIA), BHUBANESWAR. PRICE Rs.- 02/-PAGES-08


## ଲେନିନ୍‌ଙ୍କ ସମ୍ପର୍କରେ ଷ୍ଟାଲିନ୍



[ସର୍ବହରାର ମହାନ୍ ନେତା, ଋଷ ବିପ୍ଳବର ରୂପକାର ଲେନିନ୍ ୧୯୨୪ ମସିହା ଜାନୁୟାରୀ ୨୧ ତାରିଖରେ ମୃତ୍ୟୁବରଣ କରିଥିଲେ। ଏହି ମହାନ୍ ନେତାଙ୍କର ୯୨ତମ ମୃତ୍ୟୁ ଦିବସ ଉପଲକ୍ଷେ ତାଙ୍କର ସୁଯୋଗ୍ୟ ଉତ୍ତରସାଧକ କମ୍ରେଡ୍ ଷ୍ଟାଲିନ୍ ତାଙ୍କ ସମ୍ପର୍କରେ ଦେଇଥିବା ମତାମତକୁ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ପ୍ରକାଶ କରୁଛୁ। କ୍ରେମ୍‌ଲିନ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସ୍ମରଣ ସଭାରେ କମ୍ରେଡ୍ ଷ୍ଟାଲିନ୍‌ଙ୍କ ବକ୍ତବ୍ୟର ଏକାଂଶର ଓଡିଆ ଅନୁବାଦ ଏଠାରେ ସ୍ଥାନିତ କରାଯାଉଛି। ଭାଷାନ୍ତରଜନିତ ତ୍ରୁଟି ପାଇଁ ଆମେ ସମ୍ପୂର୍ଣ୍ଣ ଦାୟୀ। (ସମ୍ପାଦକ- ସର୍ବହରା କ୍ରାନ୍ତି)।]

କମ୍ରେଡ୍‌ସ୍, ମୋତେ କୁହାଯାଇଛି ଯେ ଆପଣମାନେ ଆଜି ସନ୍ଧ୍ୟାରେ ଲେନିନ୍‌ଙ୍କ ସ୍ମରଣ ସଭାର ଏକ ଆୟୋଜନ କରିଛନ୍ତି ଏବଂ ମୋତେ ଅନ୍ୟତମ ବକ୍ତାଭାବେ ଆମନ୍ତ୍ରଣ କରିଛନ୍ତି। ଲେନିନ୍‌ଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଏକ ଧରାବନ୍ଧା ଭାଷଣ ଦେବାର କୌଣସି ପ୍ରୟୋଜନ ଅଛି ବୋଲି ମୁଁ ମନେକରେ ନାହିଁ। ତେବେ ଜଣେ ମଣିଷ ଓ ଜଣେ ନେତାଭାବେ ଲେନିନ୍‌ଙ୍କ ଚରିତ୍ରର କେତେକ ବୈଶିଷ୍ଟ ଉପରେ ହିଁ ମୋର ବକ୍ତବ୍ୟକୁ ମୁଁ ସୀମିତ ରଖିବି। ଏହି ଘଟଣାଗୁଡ଼ିକ ଭିତରେ ଆପାତତଃ କୌଣସି ଯୋଗସୂତ୍ର ନଥାଇ ପରେ, ମାତ୍ର ଲେନିନ୍‌ଙ୍କ ସମ୍ପର୍କରେ ଏକ ସାଧାରଣ ଧାରଣା ପାଇବା କ୍ଷେତ୍ରରେ ଏହି ଯୋଗସୂତ୍ର ଖୁବ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଯାହା ବି ହେଉ ଏହି ଅବସରରେ ମୁଁ ଯେଉଁ ପ୍ରତିଶୃତି ଦେଉଛି ଏହାଠାରୁ ଅଧିକ କିଛି କହିବା ପାଇଁ ମୁଁ ଅକ୍ଷମ।

### ପାହାଡୀ ଇଗଲ୍

ମୁଁ ୧୯୦୩ ମସିହାରେ ପ୍ରଥମଥର ପାଇଁ ଲେନିନ୍‌ଙ୍କ ସଂସ୍ପର୍ଶରେ ଆସିଥିଲି। ଏକଥା ସତ ଯେ ଏହା ତାଙ୍କ ସହ ମୋର ବ୍ୟକ୍ତିଗତ ସାକ୍ଷାତ ନଥିଲା। ଏହି ସାକ୍ଷାତ ହୋଇଥିଲା ଏକ ପତ୍ର ମାଧ୍ୟମରେ। ମାତ୍ର ଏହା ମୋ ଉପରେ ଏକ ଅବିସ୍ମରଣୀୟ ଛାପ ପକାଇଥିଲା ଯାହା ମୋର ସମଗ୍ର ପାର୍ଟି ଜୀବନର କାର୍ଯ୍ୟକଳାପ ଭିତରେ ମୋ ମନରୁ ଲିଭି ନାହିଁ। ସେ ସମୟରେ ମୁଁ ସାଇବେରିଆରେ ନିର୍ବାସନରେ ଥିଲି। ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ଏବଂ ବିଶେଷଭାବେ ୧୯୦୧ ପରବର୍ତ୍ତୀ ସମୟରେ 'ଇସ୍କ୍ରା' ପ୍ରକାଶିତ ହେବା ପରେ ଲେନିନ୍‌ଙ୍କ ବିପ୍ଳବୀ କାର୍ଯ୍ୟକଳାପ ମୋତେ ନିଃସନ୍ଦେହ କରିଥିଲା ଯେ ଲେନିନ୍‌ଙ୍କ ମଧ୍ୟରେ ଏକ ଅସାଧାରଣସ ପ୍ରତିଭା ରହିଛି। ସେତେବେଳେ ମୁଁ ତାଙ୍କୁ କେବଳ ପାର୍ଟିର ଜଣେ ନେତାଭାବେ ନୁହେଁ ବରଂ ଦଳର ପ୍ରକୃତ ପ୍ରତିଷ୍ଠାତା, ଦଳର ଅନ୍ତର୍ନିହିତ ନିର୍ଯ୍ୟାସ ଓ ଏହାର ଜରୁରୀ ପ୍ରୟୋଜନୀୟତାକୁ ଉପଲବ୍ଧି କରିପାରୁଥିବା ନେତାଭାବେ ସମ୍ମାନ ପ୍ରଦର୍ଶନ କରୁଥିଲି। ମୁଁ ଯେତେବେଳେ ତାଙ୍କୁ ଦଳର ଅନ୍ୟ ନେତାମାନଙ୍କ ସହ ତୁଳନା କରୁଥିଲି ସେତେବେଳେ ମୁଁ ମନେ କରୁଥିଲି ସେ ତାଙ୍କର ସହଯୋଗୀ ପ୍ଲେଖାନଭ, ମାର୍ତୋଭ, ଆକ୍ସେଲରଡ ପ୍ରଭୃତିଙ୍କ ଶୀର୍ଷରେ ଅବସ୍ଥାନ କରୁଥିଲେ। ଲେନିନ୍ କେବଳ ମାତ୍ର ନେତା ନ ଥିଲେ, ସେ ଥିଲେ ସର୍ବୋଚ୍ଚ ସ୍ତରର ନେତା, ଏକ ପାହାଡୀ ଇଗଲ୍। ଯାହାଙ୍କର

ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ

## ପ୍ୟାଲେଷ୍ଟାଇନ୍‌କୁ ଭାରତ ସରକାର ସମର୍ଥନ ଦେବ ନାହିଁ

## ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ନିନ୍ଦା

ପ୍ୟାଲେଷ୍ଟାଇନ୍‌କୁ ଆଉ ସମର୍ଥନ ନଦେବା ପାଇଁ ବି.ଜେ.ପି ନେତୃତ୍ୱରେ ପରିଚାଳିତ କେନ୍ଦ୍ର ଏନ୍.ଡି.ଏ ସରକାରର ନିଷ୍ପତ୍ତିକୁ ନିନ୍ଦା କରି ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ସାଧାରଣ ସମ୍ପାଦକ କମ୍ରେଡ୍ ପ୍ରଭାସ ଘୋଷ ଗତ ଡିସେମ୍ବର ୨୩ ତାରିଖରେ ଜାରୀ କରିଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ଯେ-

ବି.ଜେ.ପି ପରିଚାଳିତ କେନ୍ଦ୍ର ସରକାର ମିଳିତ ଜାତିସଂଘରେ ପ୍ୟାଲେଷ୍ଟାଇନ୍‌କୁ ଆଉ ସମର୍ଥନ ଦେବ ନାହିଁ ବୋଲି ପ୍ରକାଶିତ ସମ୍ବାଦକୁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ତୀବ୍ର ନିନ୍ଦା କରୁଛି। ସ୍ୱାଧୀନତା ପରଠାରୁ ହିଁ ଭାରତୀୟ ଜନସାଧାରଣଙ୍କର ଦୃଢ ସାମ୍ରାଜ୍ୟବାଦ ବିରୋଧୀ ଓ ପ୍ୟାଲେଷ୍ଟାଇନ୍ ସପକ୍ଷବାଦୀ ଆବେଦନ ଫଳରେ ବାଧହୋଇ କେନ୍ଦ୍ରରେ କ୍ଷମତାସୀନ ହୋଇଥିବା ଗୋଟିଏ ପରେ ଗୋଟିଏ କେନ୍ଦ୍ର ସରକାର ପ୍ୟାଲେଷ୍ଟାଇନ୍‌ର ଦାବିକୁ ସମର୍ଥନ ଜଣାଇ ଆସୁଥିଲା। ମାତ୍ର ବର୍ତ୍ତମାନ ଭାରତୀୟ ବୁର୍ଜୁଆ ରାଷ୍ଟ୍ର ତାର ସାମ୍ରାଜ୍ୟବାଦୀ ଆକାଂକ୍ଷା ଚରିତାର୍ଥ କରିବା ପାଇଁ ମାର୍କିନ୍ ସାମ୍ରାଜ୍ୟବାଦ ସହିତ ଆହୁରି ଅଧିକ ଘନିଷ୍ଟ ହେଉଛି ଏବଂ ଆମେରିକା ଓ ତାର ସହଯୋଗୀ ଦେଶଗୁଡିକ ସହିତ ଘନିଷ୍ଟ ରାଜନୈତିକ, କୂଟନୈତିକ ଓ ସାମରିକ ବୁଝାମଣା ଗଢି ତୋଳୁଛି। ଏହି ଝୁଙ୍କରୁ

ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ

## ସାରା ବିଶ୍ୱରେ ସନ୍ତ୍ରାସବାଦ ଓ ବିଭତ୍ସ ଗଣହତ୍ୟାର ନାୟକ ମାର୍କିନ୍ ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତି ବାରାକ୍ ଓବାମା ଫେରିଯାଅ

ପ୍ରଗତି, ଭଲଦିନ ଓ ବିକାଶର ସ୍ୱପ୍ନ ବିକି, କଂଗ୍ରେସ ବିରୋଧୀ ଜନରୋଷ, ସାମ୍ପ୍ରଦାୟିକ ଓ ଜାତିଆଣ ବିଦ୍ୱେଷକୁ ହତିଆର କରି କ୍ଷମତାସୀନ ହୋଇଥିବା ବି.ଜେ.ପି ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ଇତିମଧ୍ୟରେ କ୍ଷମତାରେ ୭ମାସ ପୁରଣ କରିଛି। କ୍ଷମତାସୀନ ହେବାର ୧୦୦ ଦିନ ମଧ୍ୟରେ ବିଦେଶରୁ କଳାଟଙ୍କା ଜବତ କରି ଦେଶର ସମସ୍ତ ନାଗରିକଙ୍କ ବ୍ୟାଙ୍କ ଖାତାରେ ଏହି ଟଙ୍କା ଜମା କରି ଦେବା ଓ ସମାଜର ତଳସ୍ତରର ଲୋକଙ୍କୁ ବିକାଶର ସ୍ୱାଦ ଚଖାଇବା ପାଇଁ ଅଙ୍ଗୀକାର କରିଥିବା ଏହି ସରକାର ଏହାର ଗୋଟିଏ ହେଲେ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରି ନାହିଁ। ବରଂ ଦରବୃଦ୍ଧି, ବେକାରୀ, ମହିଳାମାନଙ୍କ ଉପରେ ଅତ୍ୟାଚାର ଓ ସାମ୍ପ୍ରଦାୟିକ ଦଙ୍ଗାର ବନ୍ୟା ଦେଶ ସାରା ବୁହାଇ ଚାଲିଛି। ଅନ୍ୟପଟରେ ଦେଶୀ ବିଦେଶୀ ଏକଚାଟିଆ ପୁଞ୍ଜିପତିମାନଙ୍କ ପାଇଁ 'ଆଚ୍ଛେଦିନ' ଆଣିବା ଉଦ୍ଦେଶ୍ୟରେ ଏହି ସରକାର ଗୋଟିଏ ପରେ ଗୋଟିଏ ପଦକ୍ଷେପ ଗ୍ରହଣ କରି ଚାଲିଛି।

ପୁଣି ଏହି ଚୂଡାନ୍ତ ଜନବିରୋଧୀ ସରକାର ଭାରତର ଜନସାଧାରଣଙ୍କର ଗୌରବୋଜ୍ଜଳ ସାମ୍ରାଜ୍ୟବାଦ ବିରୋଧୀ ଐତିହ୍ୟ ଓ ପରମ୍ପରାକୁ କାଳିମାଲିପ୍ତ କରିବା ପାଇଁ ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ବାରାକ୍ ଓବାମାଙ୍କୁ ଅତିଥିଭାବରେ ନିୟନ୍ତ୍ରଣ କରିଛି। ସରକାରଙ୍କର ଏହି ପଦକ୍ଷେପକୁ ଦେଶର ମୁକ୍ତିକାମୀ, ସ୍ୱାଧୀନତାପ୍ରେମୀ ଓ ଦେଶପ୍ରେମୀ ଜନସାଧାରଣ ଘୋର ବିରୋଧ କରୁଥିଲାବେଳେ ସରକାରଙ୍କର ଗୋଡାଣିଆ ସାଜିଥିବା କେତେକ ବିଭ୍ରାନ୍ତ ବୁଦ୍ଧିଜୀବୀ ଓ ଆର୍.ଏସ୍.ଏସ୍, ବି.ଜେ.ପି, ବିଶ୍ୱହିନ୍ଦୁ ପରିଷଦ ଭଳି କଟ୍ଟର ସାମ୍ପ୍ରଦାୟିକ ଶକ୍ତିମାନେ ଏହାକୁ ସ୍ୱାଗତ କରୁଛନ୍ତି। ଏଠାରେ ସୂଚନାଯୋଗ୍ୟ, ସମଗ୍ର ବିଶ୍ୱରେ ଭୟାବହ ଯୁଦ୍ଧ, ଗୃହଯୁଦ୍ଧ, ଆତଙ୍କବାଦ, ଜାତିଗତ ଦଙ୍ଗା, ଆକ୍ରମଣ, ଅନ୍ୟଦେଶ ଦଖଲ ଓ ତୃତୀୟ ବିଶ୍ୱର ଜନସାଧାରଣଙ୍କୁ ଅକଥନୀୟ ଶୋଷଣ କରି ଲକ୍ଷ ଲକ୍ଷ ନୀରିହ ଲୋକଙ୍କ ରକ୍ତରେ ହାତ ଲାଲ କରିଥିବା ଘୃଣିତ ସାମ୍ରାଜ୍ୟବାଦୀମାନଙ୍କର ରିଂ ଲିଡର ମାର୍କିନ୍ ଯୁକ୍ତରାଷ୍ଟ୍ର ସହିତ ସାମରିକ, ଅର୍ଥନୈତିକ, ରାଜନୈତିକ ଓ କୂଟନୈତିକ ସମ୍ପର୍କ ଦୃଢ କରିବା ପାଇଁ ଭାରତୀୟ ଏକଚାଟିଆ ପୁଞ୍ଜିପତିଶ୍ରେଣୀର ସ୍ୱାର୍ଥରକ୍ଷାକାରୀ ସରକାରମାନେ ବହୁଦିନରୁ ଜନସାଧାରଣଙ୍କ ଦୃଷ୍ଟିର ଆଢୁଆଳରେ ଉଦ୍ୟମ କରିଆସୁଥିଲେ। ମାତ୍ର ଭାରତର ଜାତୀୟ ମୁକ୍ତି ଆନ୍ଦୋଳନର ପ୍ରଭାବ ଓ ଦେଶର ଜନସାଧାରଣଙ୍କ ମଧ୍ୟରେ ଥିବା ତୀବ୍ର ସାମ୍ରାଜ୍ୟବାଦ ବିରୋଧୀ, ବିଶେଷକରି ଆମେରିକା ବିରୋଧୀ ମନୋଭାବ ପାଇଁ କୌଣସି ସରକାର ଖୋଲାଖୋଲି ଭାବରେ ଏହା କରିବାକୁ ସାହସ କରିପାରୁ ନଥିଲେ।

ମାତ୍ର ବିଗତ ଶତାବ୍ଦୀର ନବେ ଦଶକର ପ୍ରାରମ୍ଭରେ ପ୍ରଥମେ ପୂର୍ବତନ ସମାଜବାଦୀ ସୋଭିଏତ୍ ୟୁନିୟନ୍ ଓ ପରବର୍ତ୍ତି ସମୟରେ ସମଗ୍ର ପୂର୍ବ ୟୁରୋପରେ ସମାଜବାଦୀ ରାଷ୍ଟ୍ରମାନଙ୍କର ପତନ ହୋଇଥିଲା ଏବଂ ଏକଦା ବିଶ୍ୱ ରାଜନୀତିକୁ ନିର୍ଣ୍ଣାୟକଭାବରେ ପ୍ରଭାବିତ କରୁଥିବା ଶକ୍ତିଶାଳୀ ସମାଜବାଦୀ ଶିବିରର ବିଲୟ ଘଟିଥିଲା। ଏହି ପରିବର୍ତ୍ତିତ ବିଶ୍ୱ ପରିସ୍ଥିତିରେ ଜଗତିକରଣ, ଉଦାରୀକରଣ ଓ ଘରୋଇକରଣ ନୀତି ଜରିଆରେ ଏକମେରୁ ବିଶିଷ୍ଟ ବିଶ୍ୱରେ ଆମେରିକା ନେତୃତ୍ୱରେ ବିଶ୍ୱ ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀମାନଙ୍କର ଏକାଧିପତ୍ୟ ପ୍ରତିଷ୍ଠା ପାଇଁ ନୂତନ ଉଦ୍ୟମ ଆରମ୍ଭ ହେଲା। ଭାରତୀୟ ଏକଚାଟିଆ ପୁଞ୍ଜିପତିମାନଙ୍କର ସାମଗ୍ରିକ ଶ୍ରେଣୀ ସ୍ୱାର୍ଥରେ କଂଗ୍ରେସ ନେତୃତ୍ୱରେ ପରିଚାଳିତ ତତ୍କାଳୀନ କଂଗ୍ରେସ ସରକାର ବଡ ବଡ ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନଙ୍କର କନିଷ୍ଠ ଅଂଶୀଦାର ଭାବରେ ଏହି ଜଗତିକରଣ ପ୍ରକ୍ରିୟାରେ ସାମିଲ ହେବା ଫଳରେ ଆନ୍ତର୍ଜାତିକ ସମ୍ପର୍କ କ୍ଷେତ୍ରରେ ଅତ୍ୟନ୍ତ ପରିକଳ୍ପିତ ପରିବର୍ତ୍ତନର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ନବେ ଦଶକ ପରେ ହିଁ ଏକଦା ଭାରତୀୟ ଜନମାନସରେ ଘୃଣିତ ହେଉଥିବା ମାର୍କିନ୍ ଯୁକ୍ତରାଷ୍ଟ୍ର ସହିତ ଭାରତ ସରକାର ଅତ୍ୟନ୍ତ ଘନିଷ୍ଟ ହେବା ପାଇଁ ଉଦ୍ୟମ ଆରମ୍ଭ କରିଥିଲା। ଇତିମଧ୍ୟରେ ନିର୍ମମ ପୁଞ୍ଜିବାଦୀ ଶୋଷଣ ଜରିଆରେ ଲଗ୍ନିପୁଞ୍ଜିର ଜନ୍ମ ଦେଇ ଅନ୍ୟାନ୍ୟ ପାଶ୍ଚାତ୍ୟ ପୁଞ୍ଜିବାଦୀ ରାଷ୍ଟ୍ରମାନଙ୍କ ତୁଳନାରେ ଦୁର୍ବଳ ହେଲେ ମଧ୍ୟ ଭାରତୀୟ ରାଷ୍ଟ୍ର ସାମ୍ରାଜ୍ୟବାଦୀ ଚରିତ୍ର ଅର୍ଜନ କରି ସାରିଥିଲା। ଏହି ସାମ୍ରାଜ୍ୟବାଦୀ ଭାରତର ଏକଚାଟିଆ ପୁଞ୍ଜିପତିଶ୍ରେଣୀର ସାମଗ୍ରିକ ଶ୍ରେଣୀ ସ୍ୱାର୍ଥରେ ଆମେରିକାର ସହାୟତାରେ ଭାରତୀୟ ରାଷ୍ଟ୍ରକୁ ଏକ ଆଞ୍ଚଳିକ ମହାଶକ୍ତି ଭାବରେ ପ୍ରତିଷ୍ଠିତ କରିବା ଏବଂ ଦକ୍ଷିଣପୂର୍ବ ଏସିଆର ଅନ୍ୟାନ୍ୟ ଦେଶର ଆଭ୍ୟନ୍ତରୀଣ ବଜାରରେ ପୁଞ୍ଜି ବିନିବେଶ କରି ମୁନାଫା ଲୁଟ୍ କରିବା ପାଇଁ ଦେଶର ପୁଞ୍ଜିବାଦୀ ସରକାର ତରଫରୁ ଉଦ୍ୟମ କରାଯାଇଥିଲା। ଭାରତୀୟ ସାମ୍ରାଜ୍ୟବାଦୀ ରାଷ୍ଟ୍ରର ଏହି ଉଦ୍ୟମରେ ସମ୍ଭାବ୍ୟ ବାଧା, ସାମ୍ରାଜ୍ୟବାଦୀ ଚୀନକୁ ଅଟକାଇବା ପାଇଁ ମଧ୍ୟ ଭାରତୀୟ ଏକଚାଟିଆ ପୁଞ୍ଜିପତିଶ୍ରେଣୀ ଆମେରିକାର ମଦଦ୍ କାମନା କରୁଥିଲା। ଅନ୍ୟପଟରେ ସମସ୍ତ ବିଶ୍ୱ ଉପରେ ଏକାଧିପତ୍ୟ ଜାହିର କରି ସମଗ୍ର ବିଶ୍ୱବଜାରକୁ ଲୁଣ୍ଠନ କରିବା ପାଇଁ ଉଦ୍ୟମରତ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ଦକ୍ଷିଣପୂର୍ବ ଏସିଆରେ ଶକ୍ତିଶାଳୀ ସାମ୍ରାଜ୍ୟବାଦୀ ଚୀନର ଆଧିପତ୍ୟକୁ ଖର୍ବ କରିବା ପାଇଁ ପରିବର୍ତ୍ତିତ ବିଶ୍ୱ ପରିସ୍ଥିତିରେ ପାକିସ୍ଥାନ ସ୍ଥାନରେ ଭାରତକୁ ଅଧିକ ଉପଯୋଗୀ ମନେ କରିବା ଆରମ୍ଭ କରିଛି। ସେଥିପାଇଁ ଭାରତ ସହିତ ସାମରିକ ଓ ଅର୍ଥନୈତିକ ସମ୍ପର୍କ ବୃଦ୍ଧି କରିବା ପାଇଁ ଆମେରିକାର ବହୁଜାତୀୟ କମ୍ପାନୀ, ଧନକୁବେର ଗୋଷ୍ଠି ଓ ଅସ୍ତ୍ରଶସ୍ତ୍ର ବ୍ୟବସାୟୀମାନଙ୍କ ସ୍ୱାର୍ଥରେ ଆମେରିକା ସରକାର ଆଗ୍ରହ ପ୍ରକାଶ କରୁଛନ୍ତି।

ଏହି ପୃଷ୍ଠଭୂମିରେ ନରସିଂହ ରାଓଙ୍କ ନେତୃତ୍ୱରେ ପରିଚାଳିତ କଂଗ୍ରେସ ସରକାରଠାରୁ ଆରମ୍ଭ ହୋଇଥିଲା ଭାରତ-ଆମେରିକା ମଧ୍ୟରେ ଗୋଟିଏ ପରେ ଗୋଟିଏ ସାମରିକ ଓ ଅନ୍ୟାନ୍ୟ ଚୁକ୍ତି ସ୍ୱାକ୍ଷରିତ ହେବାର ପ୍ରକ୍ରିୟା। ଆରମ୍ଭ କରାଯାଇଥିଲା ଭାରତ ଆମେରିକା ମିଳିତ ମସରାଭ୍ୟାସ। ଏହି ପ୍ରକ୍ରିୟା ଚୂଡାନ୍ତ ରୂପ ଧାରଣ କରିଥିଲା ମନମୋହନ ସିଂହଙ୍କ ନେତୃତ୍ୱରେ ପରିଚାଳିତ ଉପା ସରକାର ସମୟରେ ସ୍ୱାକ୍ଷରିତ ହୋଇଥିବା ଅତ୍ୟନ୍ତ ଜନବିରୋଧୀ ଓ ପ୍ରତିକ୍ରିୟାଶୀଳ ଭାରତ-ଆମେରିକା ପରମାଣୁ ଚୁକ୍ତି ମାଧ୍ୟମରେ। ଏହା ପୂର୍ବରୁ ବାଜପେୟୀଙ୍କ ନେତୃତ୍ୱରେ ପରିଚାଳିତ ଏନ୍.ଡି.ଏ ସରକାର ଭାରତୀୟ ଜନସାଧାରଣଙ୍କର ଗୌରବୋଜ୍ଜ୍ୱଳ ସାମ୍ରାଜ୍ୟବାଦ ବିରୋଧୀ ପରମ୍ପରା ଉପରେ ପଦାଘାତ କରି ରାଜନୈତିକଭାବରେ ଆମେରିକାର ନିକଟରେ ହେବା ପାଇଁ ଇସ୍ରାଏଲ୍ ସହିତ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା କରିଥିଲା। ଏଠାରେ ସୂଚନାଯୋଗ୍ୟ, ଆମେରିକା ନେତୃତ୍ୱରେ ବିଶ୍ୱ ସାମ୍ରାଜ୍ୟବାଦୀ ଶକ୍ତିମାନେ ୧୯୪୮ ମସିହାରେ ପ୍ୟାଲେଷ୍ଟାଇନ୍‌ବାସୀଙ୍କ ମାତୃଭୂମିରେ ଇହୁଦୀମାନଙ୍କର ତଥାକଥିତ ଥଇଥାନ ଆଳରେ ବଳପୂର୍ବକ ଇସ୍ରାଏଲ୍ ରାଷ୍ଟ୍ର ପ୍ରତିଷ୍ଠା କରିବା ପରେ ଜନମତ ଚାପରେ ଭାରତ ସରକାର ଏହି ରାଷ୍ଟ୍ରର ଅସ୍ତିତ୍ୱକୁ ସ୍ୱୀକାର କରୁ ନଥିଲା। ବରଂ ପାଲେଷ୍ଟାଇନ୍ ମୁକ୍ତି ସଂଗଠନର ନେତା ୟାସର ଆରଫତ୍‌ଙ୍କ ନେତୃତ୍ୱରେ 'ନିର୍ବାସନରେ ଥିବା ପାଲେଷ୍ଟାଇନ୍ ଦେଶ'କୁ ସ୍ୱୀକୃତି ଦେଇଥିଲା। ମାତ୍ର ବି.ଜେ.ପି ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ଆମେରିକାକୁ ତୁଷ୍ଟ କରିବା ପାଇଁ ଏହି ଧରଣର ଘୃଣ୍ୟ ପଦକ୍ଷେପ ଗ୍ରହଣ କରିଥିଲା। ବର୍ତ୍ତମାନ ଏହି କାରଣରୁ ହିଁ ମିଳିତ ଜାତିସଂଘରେ ପ୍ୟାଲେଷ୍ଟାଇନ୍‌କୁ ଭାରତ ସାହାଯ୍ୟ କରିବ ନାହିଁ ବୋଲି ସମ୍ପ୍ରତି ମୋଦୀ ସରକାର ନିନ୍ଦନୀୟ ନିଷ୍ପତ୍ତି ଗ୍ରହଣ କରିଛି। ପୁଣି ଆମେରିକାର

ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ

# ସାରା ବିଶ୍ୱରେ ସନ୍ତ୍ରାସବାଦ.....

୧ମ ପୃଷ୍ଠାର ଅବଶିଷ୍ଟାଂଶ

ଧନକୁବେରମାନଙ୍କର ଶ୍ରେଣୀ ସ୍ୱାର୍ଥ ରକ୍ଷା କରିବା ପାଇଁ ହିଁ ଗୋଧ୍ରା ଗଣହତ୍ୟା ପରେ ନିନ୍ଦିତ ନରେନ୍ଦ୍ର ମୋଦିଙ୍କୁ ଭିସା ଦେଇ ନଥିବା ଯୁକ୍ତରାଷ୍ଟ୍ର ଆମେରିକା ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ଦେଶକୁ ସାଦର ନିମନ୍ତ୍ରଣ କରିଥିଲା। ପୁଣି ଭାରତୀୟ ଧନକୁବେରମାନଙ୍କର ବ୍ୟବସାୟିକ ସ୍ୱାର୍ଥପାଇଁ ହିଁ ବାରାକ୍ ଓବାମାଙ୍କୁ ଭାରତ ସରକାର ଚଳିତ ବର୍ଷର ସାଧାରଣତନ୍ତ୍ର ଦିବସର ଅତିଥିଭାବରେ ନିମନ୍ତ୍ରଣ କରିଛନ୍ତି ଓ ଓବାମା ନିମନ୍ତ୍ରିତ ହୋଇ ଆନନ୍ଦ ପ୍ରକାଶ କରିଛନ୍ତି।

ଦେଶର କେତେକ ଚୂଡ଼ାନ୍ତ ଦକ୍ଷିଣପନ୍ଥୀ ଶକ୍ତି ଓ ବିଭ୍ରାନ୍ତ ବୁଦ୍ଧିଜୀବୀ ବିଶ୍ୱ ଦରବାରରେ ଏହାଦ୍ୱାରା ଭାରତର ମର୍ଯ୍ୟାଦା ବୃଦ୍ଧି ହେଲା ବୋଲି ଦାବି କରୁଛନ୍ତି। ସ୍ୱୟଂ ମାର୍କିନ୍ ରାଷ୍ଟ୍ରପତିଙ୍କର ଏହି ନିମନ୍ତ୍ରଣକୁ ସ୍ୱୀକାର କରିବା ଏକ ଐତିହାସିକ ଘଟଣା ବୋଲି ସରକାର ଓ ବି.ଜେ.ପି ଦଳ ପକ୍ଷରୁ ଦାବି କରାଯାଉଛି। ମାତ୍ର ପୂର୍ବ ଆଲୋଚନାରୁ ସ୍ପଷ୍ଟ ହେଉଛି ଯେ ଏହା ଭାରତ ତଥା ସମଗ୍ର ଦକ୍ଷିଣପୂର୍ବ ଏସିଆର ଜନସାଧାରଣଙ୍କର ଭବିଷ୍ୟତ ପାଇଁ ଅତ୍ୟନ୍ତ ଅଶୁଭ ସୂଚନା ବହନ କରୁଛି। ଏହି ଅବସରରେ ସାରା ବିଶ୍ୱର ମୁକ୍ତିକାମୀ ଓ ଗଣତନ୍ତ୍ରପ୍ରେମୀ ଜନସାଧାରଣଙ୍କ ଦ୍ୱାରା ଘୃଣିତ ମାର୍କିନ୍ ସାମ୍ରାଜ୍ୟବାଦକୁ ଭାରତର ମାଟିରେ ପ୍ରୋତ୍ସାହିତ କରୁଥିବା ଦଳ, ଶକ୍ତି ଓ ବ୍ୟକ୍ତି ବିଶେଷଙ୍କ ଗୋଚରାର୍ଥେ ବିଗତ ଦ୍ୱିତୀୟ ବିଶ୍ୱ ଯୁଦ୍ଧଠାରୁ ଆରମ୍ଭ କରି ମାର୍କିନ୍ ଦସ୍ୟୁବୃତ୍ତିର କେତେକ ନମୁନା ଏଠାରେ ଉପସ୍ଥାପନ କରାଯାଉଛି।

## ହିରୋସୀମା-ନାଗାସାକି

୧୯୪୫ ମସିହା ଅଗଷ୍ଟ ମାସ ୬ ତାରିଖ ଦିନ ଜାପାନର ହିରୋସୀମା ସହର ଉପରେ ଆମେରିକା ୟୁରାନିୟମ୍-୨୩୫ ବୋମା ନିକ୍ଷେପ କରିଥିଲା। ଏହାଥିଲା ପୃଥିବୀ ଇତିହାସରେ ସର୍ବପ୍ରଥମ ପରମାଣୁ ବୋମାର ପ୍ରୟୋଗ। ଏହା ଫଳରେ ହିରୋସୀମା ସହରର ଶତକଡ଼ା ୩୦ଭାଗରୁ ଅଧିକ ଲୋକ ପ୍ରଥମ ଧକ୍କାରେ ହିଁ ପ୍ରାଣ ହରାଇଥିଲେ। ଏହାର ଅଳ୍ପ କିଛିଦିନ ପରେ ହିରୋସୀମା ସହରରେ ଆହୁରି ୧ଲକ୍ଷ ୬୬ ହଜାର ଲୋକ ପ୍ରାଣ ହରାଇଥିଲେ। ବୋମା ପଡିଥିବା ସ୍ଥାନର ୧୨ ବର୍ଗ କିଲୋମିଟର ଅଞ୍ଚଳ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ଏହାର ୩ ଦିନ ପରେ ଅର୍ଥାତ୍ ଅଗଷ୍ଟ ମାସ ୯ ତାରିଖରେ ଆମେରିକା ଜାପାନର ଅନ୍ୟତମ ସହର ନାଗାସାକି ଉପରେ ପ୍ଲୁଟୋନିୟମ୍ ସମୃଦ୍ଧ ପରମାଣୁ ବୋମା ନିକ୍ଷେପ କରିଥିଲା। ଏହି ବୋମା ବିସ୍ଫୋରଣ ସଙ୍ଗେ ସଙ୍ଗେ ହିଁ ୪୦ ହଜାର ଲୋକ ମୃତ୍ୟୁମୁଖରେ ପଡିଥିଲେ। ଏହାର ଖୁବ୍ ଅଳ୍ପ ସମୟ ମଧ୍ୟରେ ଆହୁରି ୪୦ ହଜାର ଲୋକ ମୃତ୍ୟୁ ମୁଖରେ ପଡିଥିଲେ।

ଏହି ବୋମା ବିସ୍ଫୋରଣରେ ଦୁଇଟି ଯାକ ସହର ମିଶି ୨ ଲକ୍ଷ ୬୬ ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ। ଆଜି ମଧ୍ୟ ଅସଂଖ୍ୟ ଲୋକଙ୍କ ରକ୍ତରେ ପରମାଣୁ ବୋମାର ତେଜଷ୍କ୍ରିୟତାର ବିଷ ପ୍ରବାହିତ ହେଉଛି। ବୋମା ବିସ୍ଫୋରଣ ବେଳେ ମାତୃଗର୍ଭରେ ଥିବା ଅସଂଖ୍ୟ ଶିଶୁଙ୍କ ଦେହରେ ନାନା ଧରଣର ବିକୃତି ଦେଖା ଦେଇଥିଲା। ବହୁ ଲୋକ କ୍ୟାନ୍ସରରେ ଆକ୍ରାନ୍ତ ହୋଇଥିଲେ। ଆଜି ମଧ୍ୟ ଏହି ଦୁଇ ସହରର ହଜାର ହଜାର ଲୋକ ରକ୍ତ ଶୂନ୍ୟତା, ରକ୍ତ କର୍କଟ, ଶାରୀରିକ ବିକୃତିର ବୋଝ ବୋହି ଚାଲିଛନ୍ତି।

ମାତ୍ର ଏଠାରେ ସୂଚନାଯୋଗ୍ୟ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରାୟ ଶେଷ ହେବା ସମୟରେ ହିଁ ଆମେରିକା ଏହି ବୋମା ନିକ୍ଷେପ କରିଥିଲା। ହିରୋସୀମା ଓ ନାଗାସାକି ଉପରେ ବୋମା ନିକ୍ଷିପ୍ତ ହେବା ପୂର୍ବରୁ ମଇ ମାସ ୨ ତାରିଖରେ ଫାସିଷ୍ଟ ଜର୍ମାନୀ ସୋଭିଏତ ଋଷିଆର ଲାଲ ବାହିନୀ ନିକଟରେ ଆତ୍ମସମର୍ପଣ କରିସାରିଥିଲା। ଜାପାନ ମଧ୍ୟ ଆତ୍ମସମର୍ପଣ କଥା କାର୍ଯ୍ୟତଃ ଘୋଷଣା କରିସାରିଥିଲା। ବୋମା ନିକ୍ଷେପ ହେଲାବେଳକୁ ସୋଭିଏତ ୟୁନିୟନ୍‌ର ଲାଲସେନା ମାଞ୍ଚୁରିଆରେ ପ୍ରବେଶ କରିସାରିଥିଲା। ଜାପାନର ଶାସକ ଲାଲସେନା ପରିବର୍ତ୍ତେ ଆମେରିକା-ବ୍ରିଟେନ୍ ନିକଟରେ ଆତ୍ମସମର୍ପଣ କଥା ଚିନ୍ତା କରୁଥିଲେ। ଏହିଭଳି ଏକ ସମୟରେ ମାର୍କିନ ଯୁକ୍ତରାଷ୍ଟ୍ରର ଶାସକମାନେ ଜାପାନକୁ ସୋଭିଏତ୍ ୟୁନିୟନ୍ ପରିବର୍ତ୍ତେ ଆମେରିକା ନିକଟରେ ଆତ୍ମସମର୍ପଣ ପାଇଁ ବାଧ୍ୟ କରିବାରକୁ ଏବଂ ଅନ୍ୟଦିଗରେ ସାରା ପୃଥିବୀର ଜନସାଧାରଣଙ୍କୁ ପରମାଣୁ ବୋମାର ଧମକ ଦେଇ ସଂତ୍ରସ୍ତ କରି ମାର୍କିନ ଆଧିପତ୍ୟ ସ୍ୱୀକାର କରିବାକୁ ବାଧ୍ୟ କରିବାକୁ ଜାପାନ ଉପରେ ପରମାଣୁ ବୋମା ନିକ୍ଷେପ କରିଥିଲା। ଜାପାନର ଜନୈକ ପ୍ରସିଦ୍ଧ ଐତିହାସିକ ସୁୟେସି ହାସେଗାଓଆ ଉଲ୍ଲେଖ କରିଥିଲେ ଯେ, ଗୋଟିଏ ପଟରେ ଲାଲସେନା ନିକଟରେ ଆତ୍ମସମର୍ପଣ କଲେ ଜାପାନର ସମ୍ରାଟ ଚିର ଦିନ ପାଇଁ ନିଜର କ୍ଷମତା ହରାଇବାର ଆଶଙ୍କା କରୁଥିଲେ। ଅନ୍ୟପଟରେ ଜାପାନ ସୋଭିଏତ୍ ୟୁନିୟନ ନିକଟରେ ଆତ୍ମସମର୍ପଣ କଲେ ସେଠାରେ ସୋଭିଏତ୍ ଋଷର ପ୍ରଭାବାଧିନ ଅଞ୍ଚଳ ସୃଷ୍ଟି ହେବାର ଆଶଙ୍କା କରିଥିଲା ଯୁକ୍ତରାଷ୍ଟ୍ର ଆମେରିକା। ଏଭଳି ହେଲେ ଆମେରିକାର ଆଧିପତ୍ୟବାଦ ବାଧାଗ୍ରସ୍ତ ହେବ ବୋଲି ଆମେରିକା ମନେକରୁଥିଲା। ସେହି ଅଂଚଳରେ ନିଜର ଆଧିପତ୍ୟକୁ ବଜାୟ ରଖିବା ପାଇଁ ହିଁ ଆମେରିକା ପରମାଣୁ ବୋମା ନିକ୍ଷେପ କରି ଲକ୍ଷ ଲକ୍ଷ ଲୋକଙ୍କୁ ହତ୍ୟା କରିଥିଲା ଓ ଆହୁରି ଲକ୍ଷ ଲକ୍ଷ ଲୋକଙ୍କୁ ବିକଳାଙ୍ଗ କରିଥିଲା।

## ଭିଏତନାମ

୧୯୬୪ ମସିହାରୁ ୧୯୭୫ ମସିହା ପର୍ଯ୍ୟନ୍ତ ଆମେରିକା ଭିଏତନାମ୍ ଉପରେ ଭୟଙ୍କର ଆକ୍ରମଣ ଚଳାଇଥିଲା। କିନ୍ତୁ କମ୍ୟୁନିଷ୍ଟ ପାର୍ଟି ନେତୃତ୍ୱରେ ଭିଏତନାମ୍‌ର ସାଧାରଣ ଲୋକଙ୍କର ଦୃଢ଼ ପ୍ରତିରୋଧ ଫଳରେ ସେମାନେ ପଛକୁ ହଟିବାକୁ ବାଧ୍ୟ ହୋଇଥିଲେ। ଭିଏତନାମ୍‌ରେ ଆମେରିକାର ଭୟାବହ ଆକ୍ରମଣର କାହାଣୀ ସାରା ପୃଥିବୀର ଜନସାଧାରଣ ଜାଣନ୍ତି। ୧ କୋଟି ୩୧ ଲକ୍ଷ ଭିଏତ୍‌ନାମବାସୀ ମାର୍କିନ୍ ଆକ୍ରମଣରେ ପ୍ରାଣ ହରାଇଥିଲେ। ଭିଏତ୍‌ନାମ୍‌ର ଜନସାଧାରଣ ଜଙ୍ଗଲରେ ଆତ୍ମଗୋପନ କରିଥିଲେ, ମାଟି ତଳେ ସୁଡ଼ଙ୍ଗ ଖୋଳି ସେଠାରେ ଆତ୍ମଗୋପନ କରି ଗରିଲା ଯୁଦ୍ଧ ଚଳାଇଥିଲେ। ଦେଶର ପ୍ରତ୍ୟେକ ଇଞ୍ଚସ୍ଥାନରେ ଗଢି ଉଠିଥିଲା ପ୍ରତିରୋଧ। ଏହି ପ୍ରତିରୋଧକୁ ଭାଙ୍ଗିବା ପାଇଁ ଆମେରିକା ଆକାଶ ମାର୍ଗରୁ, 'ଏଜେଣ୍ଟ ଅରେଞ୍ଜ' ରସାୟନ ସିଞ୍ଚନ କରିଥିଲା। ଏହି ରାସାୟନିକ ପଦାର୍ଥ କେବଳ ଜଙ୍ଗଲର ଗଛପତ୍ର ଧ୍ୱଂସ କରୁନଥିଲା, ଜନସାଧାରଣଙ୍କୁ ଗୁରୁତରଭାବରେ ଆହତ ମଧ୍ୟ କରୁଥିଲା। ଏହାର ପ୍ରଭାବରେ ଭିଏତନାମ୍‌ର ଅସଂଖ୍ୟ ଲୋକଙ୍କ ଶରୀର ବିକୃତ ହୋଇଯାଇଥିଲା। ଏହା ବ୍ୟତୀତ ଆମେରିକା ଭିଏତନାମ୍ ଯୁଦ୍ଧରେ ମାରାତ୍ମକ 'ନାପାମ ବୋମା' ମଧ୍ୟ ବ୍ୟବହାର କରିଥିଲା। ଏହି ବୋମା ଯେଉଁଠି ପଡୁଥିଲା ତାର ବିସ୍ତୀର୍ଣ୍ଣ ଅଞ୍ଚଳ ଜଳିପୋଡି ଛାରଖାର ହୋଇଯାଉଥିଲା। ଏହା ସତ୍ତ୍ୱେ ମଧ୍ୟ ହୋଚିମିନ୍‌ଙ୍କ ନେତୃତ୍ୱରେ ଭିଏତନାମ୍‌ର ଜନସାଧାରଣ ଲଢେଇ କରି ଜୟଯୁକ୍ତ ହୋଇଥିଲେ। ସାରା ପୃଥିବୀର ଜନସାଧାରଣଙ୍କ ସମେତ ଆମେରିକାର ଜନସାଧାରଣ ମଧ୍ୟ ଭିଏତନାମ୍ ଯୁଦ୍ଧ ବିରୁଦ୍ଧରେ ଦୃଢସ୍ୱର ଉତ୍ତୋଳନ କରିଥିଲେ।

## କୋରିଆ

ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷହେବା ପରେ ମାର୍କିନ୍ ସରକାର କୋରିଆ ଉପଦ୍ୱୀପରୁ ତାର ସମସ୍ତ ସୈନ୍ୟ ଅପସାରଣ କରିବ ଏବଂ କୋରିଆର ଜନସାଧାରଣଙ୍କ ଇଚ୍ଛାକୁ ମର୍ଯ୍ୟାଦା ଦେଇ ସ୍ୱାଧୀନ ସାର୍ବଭୌମ କୋରିଆ ରାଷ୍ଟ୍ର ପ୍ରତିଷ୍ଠା ପାଇଁ ସହାୟତା କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଦେଖାଗଲା ଯେ କୋରିଆରେ ସାମରିକ ଆକ୍ରମଣ ଚଳାଇବା ହିଁ ହେଉଛି ମାର୍କିନ୍ ସାମ୍ରାଜ୍ୟବାଦର ଉଦ୍ଦେଶ୍ୟ। ୧୯୪୮ ମସିହାରେ ଆମେରିକା ଦେଶଟିକୁ ଦୁଇ ଖଣ୍ଡ କରିଦେଇ ଦକ୍ଷିଣ କୋରିଆରେ ନିଜର ଏକ ସଖି କଣ୍ଢେଇ ସରକାର ବସାଇ ଥିଲା। ଏହା ପରେ ପୁରା ଦେଶଟିକୁ ଦଖଲ କରିବା ପାଇଁ ଯୁଦ୍ଧ ଆରମ୍ଭ କରିଦେଇଥିଲା। ଏହି ଯୁଦ୍ଧକୁ 'କୋରିଆ ଯୁଦ୍ଧ' ବୋଲି କୁହାଯାଏ। କୋରିଆକୁ ଦଖଲ କରି ଚୀନ ଓ ସୋଭିଏତ୍ ୟୁନିୟନର ସୀମାରେ ସାମରିକ ଘାଟି ସ୍ଥାପନ ମଧ୍ୟ ଆମେରିକାର ଉଦ୍ଦେଶ୍ୟ ଥିଲା। ୧୯୪୯ ମସିହାରେ ଉତ୍ତରକୋରିଆ ବିରୁଦ୍ଧରେ ୨୫୦ ଥରରୁ ଅଧିକ ଥର ଆମେରିକା ସୈନ୍ୟବାହିନୀ ଆକ୍ରମଣ କରିଥିଲା। କେବଳ ସେହି ଗୋଟିଏ ବର୍ଷରେ ହିଁ ଆମେରିକା ସୈନ୍ୟ ଏକ ଲକ୍ଷ ୯ ହଜାର କୋରିଆବାସୀଙ୍କୁ ହତ୍ୟା କରିଥିଲା।

୧୯୫୦ ମସିହା ଜୁନ୍ ମାସ ୨୫ ତାରିଖରେ ଆମେରିକାର ମଦଦପୁଷ୍ଟ ଦକ୍ଷିଣ କୋରିଆର ସେନାବାହିନୀ ଉତ୍ତର କୋରିଆ ଆକ୍ରମଣ କରିଥିଲା। ଅଳ୍ପ କେତେ ଦିନ ମଧ୍ୟରେ ଏହି ସେନାବାହିନୀ ଉତ୍ତର କୋରିଆର ରାଜଧାନୀ ସିଓଲ ସହର ଦଖଲ କରିନେଇଥିଲା। ଏହା ପରେ ମାର୍କିନ ରାଷ୍ଟ୍ରପତି ଟ୍ରୁମାନ୍ ଆମେରିକାର ନୌବାହିନୀ ଓ ଆକାଶ ବାହିନୀକୁ ଉତ୍ତର କୋରିଆ ଉପରେ ସମସ୍ତ ଧରଣର ଯୁଦ୍ଧ ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୩ ବର୍ଷ ଧରି ଯୁଦ୍ଧ ଚାଲିଥିଲା। ମାର୍କିନ ଯୁକ୍ତରାଷ୍ଟ୍ର ନିର୍ବିଚାରରେ ଜୀବାଣୁ ଯୁଦ୍ଧ ସହ ଆନ୍ତର୍ଜାତୀୟ ଆଇନ୍ ବଳରେ ନିଷିଦ୍ଧ ସମସ୍ତ ପ୍ରକାର ମାରାତ୍ମକ ରାସାୟନିକ ଓ ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ପ୍ରୟୋଗ କରିଥିଲା। ଜଳର ଉତ୍ସଗୁଡ଼ିକୁ ବିଷାକ୍ତ କରିଦେଇଥିଲା। ସମସ୍ତ ଆନ୍ତର୍ଜାତୀୟ ଆଇନ୍‌କୁ ଉଲଂଘନ କରି ଯୁଦ୍ଧ ବନ୍ଦୀମାନଙ୍କ ସହିତ ଅତ୍ୟନ୍ତ ବର୍ବରୋଚିତ ବ୍ୟବହାର କରିଥିଲା। ହଜାର ହଜାର ମହିଳାଙ୍କୁ ଗଣଧର୍ଷଣ କରିଥିଲା। ଏହି ଆକ୍ରମଣ ସମୟରେ ହଜାର ହଜାର ଗ୍ରାମ, ସହର, ହାସପାତାଳ, ସ୍କୁଲ, ପରୀକ୍ଷାଗାର ଓ ଜଳ ଯୋଗାଣ କେନ୍ଦ୍ରକୁ ବୋମା ମାରି ଧ୍ୱଂସ କରିଦିଆଯାଇଥିଲା। ଏହାଛଡା ଦେଶର ପ୍ରାୟ ସମସ୍ତ ରେଳଧାରଣା, ପୋଲ ଓ ରାସ୍ତାଘାଟକୁ ମଧ୍ୟ ବୋମା ମାରି ଧ୍ୱଂସ କରି ଦିଆଯାଇଥିଲା। ଏହି ଆକ୍ରମଣରେ ୧୨ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ।

ମାର୍କିନ୍ ସାମ୍ରାଜ୍ୟବାଦର ଏହି ବର୍ବର ଆକ୍ରମଣ ବିରୁଦ୍ଧରେ ବୀରତ୍ୱର ସହିତ କୋରିଆର ଜନସାଧାରଣ ଲଢେଇ କରିଥିଲେ। ୩ ବର୍ଷ ପରେ ୧୯୫୩ ମସିହା ଜୁନ୍ ମାସରେ ଯୁଦ୍ଧ ଶେଷ ହେଲା, ସାମ୍ରାଜ୍ୟବାଦୀମାନେ ପଛକୁ ହଟିଲେ।

## ଇଣ୍ଡୋନେସିଆ ଓ ପୂର୍ବ ତିମୋର

୧୯୬୫ ମସିହାରେ ଇଣ୍ଡୋନେସିଆର ବାମପନ୍ଥୀ ସରକାରକୁ ଗୋଟିଏ ଅଭ୍ୟୁତ୍‌ଥାନ ମଧ୍ୟଦେଇ କ୍ଷମତାଚ୍ୟୁତ କରି ମାର୍କିନ୍ ସାମ୍ରାଜ୍ୟବାଦର ପଦଲେହନକାରୀ ଜେନେରାଲ ସୁହର୍ତ୍ତୋ କ୍ଷମତାସୀନ ହୋଇଥିଲେ। ଏହି ଅଭ୍ୟୁତ୍‌ଥାନକୁ ମାର୍କିନ୍ ସାମ୍ରାଜ୍ୟବାଦ ସିଧାସଳଖ ସହାୟତା କରିଥିଲା। ମାର୍କିନ ସହାୟତାରେ ସୁହାର୍ତ୍ତୋ ସାରା ଦେଶରେ ଗଣହତ୍ୟା ଆରମ୍ଭ କରି ଦେଇଥିଲେ। ଏହି ଗଣହତ୍ୟାରେ ଅନ୍ତତଃ ୫ ଲକ୍ଷ ଇଣ୍ଡୋନେସିଆବାସୀ ନିହତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ କମ୍ୟୁନିଷ୍ଟ ଦଳର କର୍ମୀ ଓ ସମର୍ଥକ।

ଦକ୍ଷିଣପୂର୍ବ ଏସିଆର ପୂର୍ବ ତିମୋର ଦ୍ୱୀପ ପର୍ତ୍ତୁଗାଲର ଉପନିବେଶ ଥିଲା। ପରବର୍ତ୍ତୀ ସମୟରେ ଏହି ଦ୍ୱୀପଟି ସ୍ୱାଧୀନ ହେଲା। ମାତ୍ର ଏହା ପରେ ଆମେରିକାର ସହାୟତାରେ ଜେନେରାଲ ସୁହାର୍ତ୍ତୋଙ୍କ ସେନା ବାହିନୀ ଏହି ଦ୍ୱୀପକୁ ଆକ୍ରମଣ କରିଥିଲା। ମାରାତ୍ମକ ଧ୍ୱଂସଲୀଳା ସୃଷ୍ଟି କରି ଦେଶର ଏକତୃତୀୟାଂଶ ଜନସାଧାରଣ ଅର୍ଥାତ୍ ୨ ଲକ୍ଷରୁ ଅଧିକ ଲୋକଙ୍କୁ ହତ୍ୟା କରି ସୁହାର୍ତ୍ତୋ ମାର୍କିନ ସାମ୍ରାଜ୍ୟବାଦର ମଦଦ୍‌ରେ ପୂର୍ବ ତିମୋର ଦଖଲ କରିଥିଲେ।

## ଆଙ୍ଗୋଲା

ମଧ୍ୟ ଆଫ୍ରିକାର ଦେଶ ଆଙ୍ଗୋଲା ପର୍ତ୍ତୁଗାଲର ଉପନେବେଶ ଥିଲା। ୧୯୭୪ ମସିହାରେ ଏମ୍.ପି.ଏଲ୍.ଏ ସଂଗଠନ ନେତୃତ୍ୱରେ ଲଢେଇ କରି ଆଙ୍ଗୋଲାର ଜନସାଧାରଣ ସ୍ୱାଧୀନତା ହାସଲ କରିଥିଲେ। ସ୍ୱାଧୀନତା ଅର୍ଜନ ପରେ ନିର୍ବାଚନ ଜରିଆରେ ଏମ୍.ପି.ଏଲ୍.ଏ ସରକାର ଗଠନ କରିଥିଲା। ଏହି ସରକାରକୁ କ୍ଷମତାଚ୍ୟୁତ କରିବା ପାଇଁ ଆଇ.ଏନ୍.ଆଇ.ଟି.ଏ ନାମକ ଦକ୍ଷିଣପନ୍ଥୀ ସଂଗଠନ ଉଦ୍ୟମ କରୁଥିଲା। ଆଙ୍ଗୋଲାରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା। ଏହି ଗୃହଯୁଦ୍ଧ ଦୀର୍ଘ ୨୦ ବର୍ଷ ଧରି ଚାଲିଥିଲା। ପ୍ରାରମ୍ଭରୁ ହିଁ ବାମପନ୍ଥୀ ଏମ୍.ପି.ଏଲ୍.ଏ ସରକାର ବିରୁଦ୍ଧରେ ମାର୍କିନ ଯୁକ୍ତରାଷ୍ଟ୍ର ଆଇ.ଏନ୍.ଆଇ.ଟି.ଏକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଆସୁଥିଲା। ୧୯୯୧ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ରୋନାଲ୍ଡ ରିଗାନ୍ ପ୍ରକାଶ୍ୟ ଭାବରେ ବିଦ୍ରୋହୀମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଣ ଉପରେ ଥିବା ଲୋକ ଦେଖାଣିଆ କଟକଣା ଉଠାଇ ଦେଇଥିଲେ। ଏହାଫଳରେ ଆଙ୍ଗୋଲା ଗୃହଯୁଦ୍ଧରେ ୧ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ମୃତକମାନ ମଧ୍ୟରୁ ଥିଲେ ଦୁଇ ତୃତୀୟାଂଶ ଶିଶୁ, ଆହୁରି ମଧ୍ୟ ଏହି ଗୃହଯୁଦ୍ଧରେ ୬୫ ହଜାରରୁ ଅଧିକ ଲୋକ ଗୁରୁତରଭାବରେ ଆହତ ହୋଇଥିଲେ।

## ଇରାନ୍

୧୯୫୩ ମସିହାରେ ଆମେରିକାର ଗୁପ୍ତଚର ସଂସ୍ଥା ସି.ଆଇ.ଏ ଗଣତାନ୍ତ୍ରିକ ଭାବରେ ନିର୍ବାଚିତ ମହମ୍ମଦ ମୋସାଦେଗ୍‌ଙ୍କ ସରକାର ବିରୁଦ୍ଧରେ ଷଡଯନ୍ତ୍ର ରଚନା କରିଥିଲା। ମୋସାଦେଗ୍ ସରକାର ବ୍ରିଟିଶ ଖଣିଜ ତୈଳ ବ୍ୟବସାୟୀ ସଂସ୍ଥା ଆଙ୍ଗଲୋ-ଇରାନୀୟାନ ଅଏଲ କମ୍ପାନୀର ଆୟ ବ୍ୟୟର ଅଡିଟ୍ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଦେଶର ସମସ୍ତ ତୈଳ ଖଣିର ଜାତୀୟକରଣ ପାଇଁ ମଧ୍ୟ ଇରାନ୍‌ର ପାର୍ଲାମେଣ୍ଟ ବା ମଜଲିସ୍‌ରେ ସରକାର ପ୍ରସ୍ତାବ ଆଗତ କରିଥିଲେ। ଏହି ତେଲ କମ୍ପାନୀରେ ଆମେରିକାର ବ୍ୟବସାୟୀ ମାନଙ୍କର ମଧ୍ୟ ଅଂଶ ଧନ ଥିଲା। ଏହି ବ୍ୟବସାୟୀମାନଙ୍କର ସ୍ୱାର୍ଥରକ୍ଷା କରିବା ପାଇଁ ଆମେରିକାର କୁଖ୍ୟାତ ଗୁଇନ୍ଦା ସଂସ୍ଥା ସି.ଆଇ.ଏ ଇରାନ୍‌ର ମିଳିଟାରୀ ଜେନେରାଲ ଫଜଲୋଲ୍ଲା ଜାହେଦୀଙ୍କୁ ସହାୟତା ଦେଇ ଦେଶରେ ସାମରିକ ବିଦ୍ରୋହ ଘଟାଇଥିଲା। ଏହିଭଳି ଭାବରେ ଆମେରିକା ଶାହା ମହମ୍ମଦ ରେଜା ପଲ୍ଲବୀଙ୍କ ହାତରେ କ୍ଷମତା ଅର୍ପଣ କରିଥିଲା। ଇରାନ୍‌ର ଶାହା ସମସ୍ତ ପ୍ରଗତିଶୀଳ ଚିନ୍ତାଭାବନା କରୁଥିବା ଲୋକଙ୍କ ଉପରେ ପ୍ରବଳ ଦମନପୀଡନ ଆରମ୍ଭ କରିଥିଲେ ଓ ହଜାର ହଜାର କମ୍ୟୁନିଷ୍ଟ ଓ ପ୍ରଗତିଶୀଳ ଲୋକଙ୍କୁ ହତ୍ୟା କରିଥିଲେ।

## ଗ୍ରେନେଡା

କ୍ୟାରିବୀୟ ଦ୍ୱୀପପୁଞ୍ଜ ଅନ୍ତର୍ଗତ ଗଣତାନ୍ତ୍ରିକ ପ୍ରଜାତାନ୍ତ୍ରିକ ଦେଶ ଗ୍ରେନେଡା ଉପରେ ୧୯୫୩ ମସିହା ଅକ୍ଟୋବର ମାସରେ ମାର୍କିନ୍ ସାମ୍ରାଜ୍ୟବାଦ ତରଫରୁ ଆକ୍ରମଣ ହୋଇଥିଲା। ଗ୍ରେନେଡାର ବାମପନ୍ଥୀ ସରକାରକୁ କ୍ଷମତା ଚ୍ୟୁତକରି ସେଠାରେ ଆମେରିକାର ଏକ ସଖୀକଣ୍ଢେଇ ସରକାର ପ୍ରତିଷ୍ଠା କରାଯାଇଥିଲା। ଗ୍ରେନେଡାର ବାମପନ୍ଥୀ ସରକାର ସେହି ଦେଶର ଜନସାଧାରଣଙ୍କ ମଙ୍ଗଳ ପାଇଁ ଚାଲୁ କରିଥିବା ନୀତିଗୁଡ଼ିକୁ ପ୍ରତ୍ୟାହାର କରିବାକୁ ଆମେରିକା ସେଠାରେ ନୂତନଭାବରେ ପ୍ରତିଷ୍ଠିତ ସରକାରକୁ ବାଧ୍ୟ କରିଥିଲେ। ଏହି ଯୁଦ୍ଧ ସମୟରେ ଏକ ଲକ୍ଷ ୩୦ ହଜାର ଲୋକଙ୍କୁ ହତ୍ୟା କରାଯାଇଥିଲା।

## ଗୁଏତମାଲା

୧୯୫୪ ମସିହାରେ ଗୁଏତମାଲାର ବାମପନ୍ଥୀ ନେତା ଜ୍ୟାକୋବୋ ଆରବେଞ୍ଜଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ମାର୍କିନ ସରକାର ଷଡଯନ୍ତ୍ର କରିଥିଲା। ୧୯୩୦ ମସିହାରୁ ଚାଲିଥିବା ଗୁଏତମାଲାର ଜର୍ଜ ଉବିକୋ ସରକାର ଏବଂ ଆମେରିକାର ୟୁନାଇଟେଡ୍ ଫ୍ରୁଟ୍ କମ୍ପାନୀର ଅତ୍ୟାଚାରରେ ଅତିଷ୍ଠ ହୋଇ ସେହି ଦେଶର କୃଷକ-ଶ୍ରମିକ-ଛାତ୍ର-ବୁଦ୍ଧିଜୀବୀମାନେ ୧୯୪୪ ମସିହାରେ ମିଳିତ ଆନ୍ଦୋଳନ ଆରମ୍ଭ କରିଥିଲେ। ପ୍ରବଳ ଗଣଆନ୍ଦୋଳନ ମଧ୍ୟଦେଇ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତିଷ୍ଠିତ ହୋଇଥିଲା। ଶ୍ରମିକମାନଙ୍କର ମଙ୍ଗଳ ପାଇଁ ଶ୍ରମ ଆଇନ୍ ଓ ନ୍ୟୁନତମ ମଜୁରୀ ଆଇନ୍ ପ୍ରଣୟନ ହୋଇଥିଲା। ମାତ୍ର ଜନସ୍ୱାର୍ଥ ବିରୁଦ୍ଧରେ ଯାଇ ୟୁନାଇଟେଡ୍ ଫ୍ରୁଟ୍ କମ୍ପାନୀର ସ୍ୱାର୍ଥରେ ମାର୍କିନ ଗୁଇନ୍ଦା ସଂସ୍ଥା ସି.ଆଇ.ଏ ସାମରିକ ବାହିନୀ ପଠାଇ ଦେଶରେ ପ୍ରତିଷ୍ଠିତ ଗଣତାନ୍ତ୍ରିକ ସରକାରକୁ କ୍ଷମତାଚ୍ୟୁତ କରିଥିଲା ଏବଂ ସେଠାରେ ସାମରିକ ଶାସନ ଜାରୀକରାଯାଇଥିଲା। ଏହା ପରଠାରୁ ଗୁଏତମାଲାରେ ସି.ଆଇ.ଏର ସହାୟତାରେ ଦୀର୍ଘ ବହୁ ଦଶନ୍ଧି ଧରି ଗୃହ ଯୁଦ୍ଧ ଚାଲିଥିଲା। ଏଥିରେ ୨ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇ ଥିଲେ। ଏସବୁ ବ୍ୟତୀତ ଇରାକ୍, ଆଫଗାନିସ୍ତାନ, ୟୁଗୋସ୍ଲୋଭାକିଆ, କୋସୋଭୋ ଓ ୟୁକ୍ରେନ୍ ଅଞ୍ଚଳରେ ଆମେରିକା କି ଧରଣର ବର୍ବରୋଚିତ କାଣ୍ଡ ଓ ସଂହାରଲୀଳା ଚଳାଇଛି ସେକଥା ଭାରତର ଜନସାଧାରଣ ଜାଣନ୍ତି।

ଉପର ଆଲୋଚନାରୁ ସ୍ପଷ୍ଟ ହେଉଛି ଯେ ଗତ ପ୍ରାୟ ୭ ଦଶନ୍ଧି ଧରି ନିଛକ ବ୍ୟବସାୟିକ ସ୍ୱାର୍ଥରକ୍ଷା ପାଇଁ ହିଁ ଯୁକ୍ତରାଷ୍ଟ୍ର ଆମେରିକା ସମଗ୍ର ବିଶ୍ୱବୁକୁରେ ହତ୍ୟା, ଗଣହତ୍ୟା, ନାରୀ ଧର୍ଷଣ ଓ ଧ୍ୱଂସର ତାଣ୍ଡବଲୀଳା ସଂଗଠିତ କରିଚାଲିଛି ଏବଂ ବିଶ୍ୱାୟନ ଆଳରେ ଏହି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରି ସମଗ୍ର ବିଶ୍ୱ ବଜାର ଉପରେ ଶୋଷଣ ଲୁଣ୍ଠନ ଦୀର୍ଘାୟିତ କରିବା ପାଇଁ ଘୃଣ୍ୟ ଉଦ୍ୟମ ଜାରୀ ରଖିଛି। ଏହି ପରିସ୍ଥିତିରେ ଘୃଣିତ ମାର୍କିନ ସାମ୍ରାଜ୍ୟବାଦର ମୁଣ୍ଡିଆଳ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତିଙ୍କୁ ଭାରତ ଆସିବା ପାଇଁ ମୋଦି ସରକାରର ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିବା ଓବାମାଙ୍କ ଆଗମନକୁ ବିରୋଧ କରିବା ପାଇଁ ସମଗ୍ର ଦେଶର ଗଣତନ୍ତ୍ରପ୍ରେମୀ, ମୁକ୍ତିକାମୀ ଓ ଶୁଭବୁଦ୍ଧିସମ୍ପନ୍ନ ଜନସାଧାରଣଙ୍କୁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦଳ ପକ୍ଷରୁ ନିବେଦନ କରାଯାଉଛି।

# ବହୁ ପ୍ରଚାରିତ ବିଶେଷ ଅର୍ଥନୈତିକ ଅଞ୍ଚଳ (SEZ) -ବହ୍ୱାଡମ୍ବରେ ଲଘୁକ୍ରିୟା

୨୦୦୫ ମସିହା ଜୁନ୍ ମାସରେ ବିଶେଷ ଅର୍ଥନୈତିକ ଅଞ୍ଚଳ (SEZ) ଆଇନ୍ ପାଶ୍ କରାଯିବା ବେଳେ କଂଗ୍ରେସ ଦଳ ନେତୃତ୍ୱରେ ପରିଚାଳିତ ତତ୍କାଳୀନ କେନ୍ଦ୍ର ଉପା-୧ ସରକାରର ପ୍ରଚାର ଶୁଣି ମନେ ହେଉଥିଲା ସତେ ଯେପରି ଦେଶର ଦୁରାବସ୍ଥା ଲାଘବ କରିବା ପାଇଁ ଜାଦୁ ଛଡିର ସନ୍ଧାନ ମିଳି ଯାଇଛି। ପୁଞ୍ଜିବାଦୀ ବ୍ୟବସ୍ଥାର ମାନ୍ଦାବସ୍ଥା ଜର୍ଜରିତ ଅର୍ଥନୀତିର ପଣ୍ଡିତମାନେ ମଧ୍ୟ ଏସ୍.ଇ.ଜେଡ୍ ସପକ୍ଷରେ ଗଳା ଫଟା ଚିତ୍କାର କରିଥିଲେ। ପ୍ରଚାର କରାହୋଇଥିଲା ଯେ ଏସ୍.ଇ.ଜେଡ୍‌ର ଅର୍ଥ ହେଉଛି ଉନ୍ନୟନର ବନ୍ୟା। ଏହି ଏସ୍.ଇ.ଜେଡ୍ ମଡେଲରେ ହିଁ ଦେଶକୁ ଉନ୍ନୟନର ରାସ୍ତାରେ ଆଗେଇ ନେଇ ଯିବାକୁ ହେବ ବୋଲି ସରକାର ଘୋଷଣା କରିଥିଲେ। ଏସ୍.ଇ.ଜେଡ୍ ପ୍ରତିଷ୍ଠା ହେଲେ କଳକାରଖାନାର ବିକାଶ ହେବ, ଉନ୍ନୟନର ବନ୍ୟା ବୋହିଯିବ, ରପ୍ତାନୀ ବଢିବ, ଭିତ୍ତିଭୂମିର ବିକାଶ ହେବ, ବିପୁଳ କର୍ମସଂସ୍ଥାନ ସୃଷ୍ଟି ହେବ, ଦେଶର ଅର୍ଥନୀତି ଚାଙ୍ଗା ହୋଇ ଉଠିବ ଇତ୍ୟାଦି ପ୍ରଚାର ଚାଲିଲା। ସରକାରୀ ହିସାବରୁ ଜଣାଯାଉଛି ଯେ, ଆଜି ପର୍ଯ୍ୟନ୍ତ ସାରା ଦେଶରେ ଖାତା କଲମରେ ୧୯୨ଟି ଏସ୍.ଇ.ଜେଡ୍ ପ୍ରତିଷ୍ଠିତ ହୋଇଛି। ତେବେ ଏହା ଦ୍ୱାରା ଅର୍ଥନୀତିର ଅବସ୍ଥା କିଭଳି ଚାଙ୍ଗା ହୋଇଛି ଏବଂ ଦେଶର ସାଧାରଣ ଲୋକଙ୍କର କି ଉପକାର ହୋଇଛି ସେକଥା ସାଧାରଣ ମଣିଷ ସେମାନଙ୍କର ଜୀବନର ଅଭିଜ୍ଞତାରୁ ହାଡେ ହାଡେ ବୁଝି ପାରୁଛନ୍ତି।

ଏଥର ଖୋଦ୍ ଭାରତର କମ୍ପ୍ଟ୍ରୋଲର ଓ ଅଡିଟର ଜେନେରାଲଙ୍କ (CAG) ଦପ୍ତରରୁ ପ୍ରକାଶିତ ଏକ ରିପୋର୍ଟରୁ ସ୍ପଷ୍ଟ ହୋଇଯାଇଛି ଯେ ପୁଞ୍ଜିବାଦୀ ଅର୍ଥନୀତି ସମ୍ମୁଖୀନ ହେଉଥିବା ସଂକଟର ଧକ୍କାରେ ଏସ୍.ଇ.ଜେଡ୍ ମଡେଲ୍ ଗଭୀର ଜଳରେ ନିମଜ୍ଜିତ ହୋଇଛି। ତେବେ ସରକାରଙ୍କର ଅସଲ ଲକ୍ଷ୍ୟ ବ୍ୟର୍ଥ ହୋଇ ନାହିଁ। ଉତ୍ପାଦନ ଓ କର୍ମ ସଂସ୍ଥାନ ବୃଦ୍ଧି କରିବା ଆଳରେ ଏସ୍.ଇ.ଜେଡ୍ ନିର୍ମାଣ କରି ସରକାର ଦେଶୀ ବିଦେଶୀ ବୃହତ ପୁଞ୍ଜିପତିମାନଙ୍କୁ ମନଇଚ୍ଛା ମୁନାଫା ଲୁଟ୍‌ର ସୁଯୋଗ କରିଦେଇଛି। ବର୍ତ୍ତମାନ ଦେଖାଯାଉ ଏହି ସି.ଏ.ଜି. ରିପୋର୍ଟରେ କଣ ଅଛି ? ରିପୋର୍ଟ କହୁଛି ଏସ୍.ଇ.ଜେଡ୍ ପ୍ରତିଷ୍ଠା କରିବା ପାଇଁ ସରକାର ଦେଶୀ ବିଦେଶୀ ସଂସ୍ଥାଗୁଡ଼ିକୁ ଯେଉଁ ବିପୁଳ ପରିମାଣର ଜମି ଶାଗମାଛ ଦରରେ ଟେକି ଦେଇଥିଲେ ସେହି ଜମିର ଶତକଡା ୫୨ ଭାଗ ଏବେ ମଧ୍ୟ ଅବ୍ୟବହୃତ ଅବସ୍ଥାରେ ପଡି ରହିଛି। ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଏସ୍.ଇ.ଜେଡ୍‌ର ଅବଦାନ ଯଥେଷ୍ଟ ହ୍ରାସ ପାଇଛି। କେବଳ ତାହା ନୁହେଁ ସରକାରଙ୍କ ପାଖରୁ ପ୍ରାୟ ବିନା ମୂଲ୍ୟରେ ମିଳିଥିବା ଜମିରେ କଳକାରଖାନା ପ୍ରତିଷ୍ଠା ନକରି ବ୍ୟବସାୟୀ ସଂସ୍ଥାଗୁଡ଼ିକ ସେହି ଜମିକୁ ଅନ୍ୟକାମରେ ଲଗାଇଛନ୍ତି। ମୂଳତଃ ଜମିବାଡି କାରବାର (real estate business) କରି ଏହି କମ୍ପାନୀଗୁଡ଼ିକ ପ୍ରଚୁର ମୁନାଫା ଲୁଟ୍ କରୁଛନ୍ତି। ବହୁ ସଂସ୍ଥା ପୁଣି ଏସ୍.ଇ.ଜେଡ୍ ପାଇଁ ନେଇଥିବା ଜମିକୁ ବ୍ୟାଙ୍କରେ ବନ୍ଧକ ରଖି ହଜାର ହଜାର କୋଟି ଟଙ୍କା ଋଣ କରିଛନ୍ତି ଏବଂ ଏହି ଋଣ ଟଙ୍କାକୁ ଉତ୍ପାଦନ କାମରେ ବ୍ୟବହାର ନକରି ମୁନାଫା ଲୁଟିବା ପାଇଁ ଅନ୍ୟାନ୍ୟ ବ୍ୟବସାୟରେ, ବିଶେଷକରି ଫଟକା ବଜାରରେ ବିନିଯୋଗ କରାଯାଇଛି। ସ୍ୱାଭାବିକଭାବରେ ଏସ୍.ଇ.ଜେଡ୍‌ଗୁଡ଼ିକ ପ୍ରାୟ କୌଣସି କର୍ମସଂସ୍ଥାନର ସୁଯୋଗ ସୃଷ୍ଟି କରି ନାହାନ୍ତି। ୧୫୨ଟି ଏସ୍.ଇ.ଜେଡ୍ ସମ୍ପର୍କରେ ସମୀକ୍ଷା କରି କର୍ମ ସଂସ୍ଥାନ ସୃଷ୍ଟି କ୍ଷେତ୍ରରେ ଏଗୁଡ଼ିକର ବ୍ୟର୍ଥତା ଶତକଡା ୬୫ରୁ ୯୫ଭାଗ ବୋଲି ସି.ଏ.ଜି ରିପୋର୍ଟରେ ଉଲ୍ଲେଖ ରହିଛି।

ଅଥଚ ରିପୋର୍ଟରେ ଦେଖାଯାଇଛି ୨୦୦୭ ମସିହାରୁ ୨୦୧୩ ମସିହା ମଧ୍ୟରେ ଏ ଦେଶରେ ଏସ୍.ଇ.ଜେଡ୍‌ର ଅନ୍ତର୍ଭୁକ୍ତ ସଂସ୍ଥାଗୁଡ଼ିକୁ ସରକାର କରଛାଡ କରିଛନ୍ତି ୮୩,୧୦୪ କୋଟି ଟଙ୍କା। ଅବଶ୍ୟ ଏସ୍.ଇ.ଜେଡ୍‌ର ସୀମା ବାହାରେ ଥିଲେ ଏହି କମ୍ପାନୀଗୁଡ଼ିକୁ ଏକ୍‌ସାଇଜ୍ ଟିକସ୍ ଓ ସର୍ଭିସ୍ ଟିକସ୍ ଆକାରରେ ଯେଉଁ ଟଙ୍କା ସରକାରଙ୍କୁ ଦେବାକୁ ହୋଇଥାନ୍ତା ତାହା ଏହି ହିସାବରେ ଧରାଯାଇ ନାହିଁ। ସଠିକ୍ ତଥ୍ୟ ସଂଗ୍ରହ କ୍ଷେତ୍ରରେ ଅସୁବିଧା କାରଣରୁ ଷ୍ଟାମ୍ପ ଡ୍ୟୁଟି ଓ ଭାଟ୍ ଇତ୍ୟାଦିରେ ଏସ୍.ଇ.ଜେଡ୍‌ଗୁଡ଼ିକୁ ଯେଉଁ ଛାଡ ଦିଆଯାଏ ରାଜକୋଷରେ ଜମାପଡୁ ନଥିବା ସେହି ଅର୍ଥ ମଧ୍ୟ ଉପରୋକ୍ତ ହିସାବରେ ଅନ୍ତର୍ଭୁକ୍ତ ହୋଇ ନାହିଁ। ଏଗୁଡ଼ିକ ଯୁକ୍ତ କରାଗଲେ ଏସ୍.ଇ.ଜେଡ୍‌ଗୁଡ଼ିକୁ ଛାଡ କରାଯାଉଥିବା ଅର୍ଥ କି ବିରାଟ ପରିମାଣର ହେବ, ତାହା ହିସାବ କରିବା କଷ୍ଟକର ନୁହେଁ। ଛାଡ କରି ଦିଆଯାଉଥିବା ଏହି ଲକ୍ଷ ହଜାର କୋଟି ଟଙ୍କା ବିନିଯୋଗ କରି ଏହି ଦେଶର କୋଟି କୋଟି କ୍ଷୁଧାର୍ତ୍ତ ମଣିଷଙ୍କୁ କମ୍ ଦାମ୍‌ରେ ଚାଉଳ, ଗହମ, ଯୋଗାଇ ଦିଆଯାଇ ପାରିଥାନ୍ତା। ହାସପାତାଳ ତିଆରି କରି ଗରିବ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇ ଦିଆଯାଇ ପାରିଥାନ୍ତା କିମ୍ବା ଶିକ୍ଷାର ସୁଯୋଗ ପାଉ ନଥିବା ଅସଂଖ୍ୟ ଶିଶୁମାନଙ୍କ ପାଇଁ ବିନା ମୂଲ୍ୟରେ ଶିକ୍ଷା ଦାନର ସୁଯୋଗ ସୃଷ୍ଟି କରାଯାଇ ପାରିଥାନ୍ତା। କିନ୍ତୁ ତା ବଦଳରେ ଏହି ବିପୁଳ ପରିମାଣର କରଦାତାଙ୍କ ଟଙ୍କା ସିଧା ସଳଖ ଯାଇ ପୁଞ୍ଜିପତିମାନଙ୍କ ପକେଟ୍‌ରେ ପଶୁଛି। ଏହା ଦେଶର କୌଣସି ବିରୋଧୀ ରାଜନୈତିକ ଦଳର ଅଭିଯୋଗ ନୁହେଁ, ଏହା ହେଉଛି ଦେଶର ଅନ୍ୟତମ ସାମ୍ବିଧାନିକ ସଂସ୍ଥା ସି.ଏ.ଜିର ମତାମତ।

ଏସ୍.ଇ.ଜେଡ୍ ପାଇଁ ପକାଇ ରଖାଯାଇଥିବା ବିପୁଳ ପରିମାଣର ଜମି ପୁଞ୍ଜିପତିମାନେ ମୁନାଫା ଲୁଟ୍ କରିବା ପାଇଁ ଅଧିକ ଦାମ୍‌ରେ ବିକ୍ରି କରି ଦେଉଛନ୍ତି। ମାତ୍ର ସରକାର ସେହି ସବୁ ଜମିକୁ ଚାଷୀମାନଙ୍କ ହାତରୁ ପଶୁବଳ ପ୍ରୟୋଗ କରି ଛଡାଇ ନେବା ବେଳେ ଏହାର ପ୍ରତିରୋଧ କରିବାକୁ ଯାଇ ସାରା ଦେଶର ହଜାର ହଜାର ଲୋକ ରକ୍ତ ଝରାଇଛନ୍ତି, ପ୍ରାଣ ଦେଇଛନ୍ତି। ବିଭିନ୍ନ ରାଜ୍ୟରେ କଂଗ୍ରେସ୍, ବି.ଜେ.ପି କିମ୍ବା ସି.ପି.ଆଇ(ଏମ୍) ଭଳି ଦଳର ସରକାରମାନେ କେଉଁଠି ପୋଲିସ ଲଗାଇ ଓ ଆହୁରି କେଉଁଠି ପୋଲିସ ସହିତ ଭଡାଟିଆ ଗୁଣ୍ଡା ନିୟୋଜିତ କରି ଜମି ରକ୍ଷା କରିବା ପାଇଁ ଲଢୁଥିବା ଚାଷୀମାନଙ୍କ ଉପରେ ଆକ୍ରମଣ କରିଛନ୍ତି। ମା'ଭଉଣୀମାନେ ମଧ୍ୟ ତ୍ରାହି ପାଇ ନାହାନ୍ତି। ଧର୍ଷଣ- ଗଣଧର୍ଷଣ ଭଳି ବର୍ବର ଘଟଣା ମଧ୍ୟ ଘଟିଛି। ଇନ୍ଦୋନେସିଆର କୁଖ୍ୟାତ ସଲିମ୍ ଗୋଷ୍ଠିକୁ ଏସ୍.ଇ.ଜେଡ୍ ପ୍ରତିଷ୍ଠା ପାଇଁ ଜମି ଦେବା ପାଇଁ ତତ୍କାଳୀନ ସି.ପି.ଆଇ(ଏମ୍) ସରକାରର ନିର୍ଦ୍ଦେଶରେ ନନ୍ଦୀଗ୍ରାମର କୃଷକମାନଙ୍କ ହାତରୁ ଚାଷଜମି ଛଡାଇ ନେବା ଉଦ୍ଦେଶ୍ୟରେ ଏହିଭଳିଭାବରେ ପୋଲିସ ସାଧାରଣ ଲୋକଙ୍କ ଉପରେ ଝାମ୍ପି ପଡିଥିଲା। ପୋଲିସ ବାହିନୀ ସହିତ ଥିଲା ପୋଲିସ ପୋଷାକ ପରିହିତ ଭଡାଟିଆ ଗୁଣ୍ଡାବାହିନୀ। ଜୀବନ ଜୀବିକାର ସୁରକ୍ଷା ପାଇଁ ସେଠାକାର ଲୋକଙ୍କର ମରଣପଣ ଲଢେଇ ଓ ଏହି ଲଢେଇରେ ବିଜୟ ଦେଶର ସାଧାରଣ ଲୋକଙ୍କ ପାଇଁ ପ୍ରେରଣାର ଉତ୍ସ ଭାବରେ ରହିଆସିଛି। କେବଳ ନନ୍ଦୀଗ୍ରାମ ନୁହେଁ, ସାରା ଦେଶର ବିଭିନ୍ନ ରାଜ୍ୟରେ ଏସ୍.ଇ.ଜେଡ୍ ତଥା ଅନ୍ୟାନ୍ୟ ନିଯୁକ୍ତି ବିହୀନ ତଥାକଥିତ ଶିଳ୍ପାୟନର ଧୂଆଁବାଣ ବିରୁଦ୍ଧରେ ଦେଶର ସାଧାରଣ ମଣିଷ ପ୍ରାଣପାତ ଲଢେଇ କରିଛନ୍ତି ଓ କରୁଛନ୍ତି। ଉଚ୍ଛେଦ ବିରୋଧୀ ଆନ୍ଦୋଳନକୁ ପୋଲିସ ମିଲିଟାରୀର ଜୋରରେ ଦମନ କରି ଏକଚାଟିଆ ପୁଞ୍ଜିପତିଶ୍ରେଣୀର ରାଜନୈତିକ ମ୍ୟାନେଜର ସରକାରମାନେ ପୁଞ୍ଜିପତିମାନଙ୍କୁ ମୁନାଫା ଲୁଟ୍‌ର ଅବାଧ ସୁଯୋଗ କରିଦେଇଛନ୍ତି। ଆମ ରାଜ୍ୟରେ କଳିଙ୍ଗନଗର, ପୋସ୍କୋ, ମିତ୍ତଲ, ନିୟମଗିରି ପ୍ରଭୃତି ଅଞ୍ଚଳରେ ପୋଲିସ ଜନସାଧାରଣଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରିଛି। ଦେଶୀ ବିଦେଶୀ ଏକଚାଟିଆ ପୁଞ୍ଜିପତିମାନଙ୍କ ପାଇଁ ବିପୁଳ ସୁବିଧା ସୁଯୋଗ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯୋଗାଇ ଦେଇଛନ୍ତି।

ଏସ୍.ଇ.ଜେଡ୍‌ରେ କାରଖାନା ପ୍ରତିଷ୍ଠା କରି ଉତ୍ପାଦନ ଓ ରପ୍ତାନୀ କରିବାକୁ ଚାହୁଁଥିବା ଦେଶୀ ବିଦେଶୀ ପୁଞ୍ଜିପତିମାନଙ୍କୁ ପ୍ରାୟ ସମସ୍ତ ଧରଣର କର ଟିକସ ଛାଡ ଦେବା ବ୍ୟତୀତ ଦେଶରେ ପ୍ରଚଳିତ ଶ୍ରମ ଆଇନ୍ ଉଲଂଘନ କରି ଶ୍ରମିକମାନଙ୍କର ଲହୁଲୁହ ଶୋଷି ନେବା ପାଇଁ ସରକାର ସମସ୍ତ ସୁଯୋଗ କରିଦେଇଛି। ଏସ୍.ଇ.ଜେଡ୍ ମାଲିକମାନେ ସେହି ସୁଯୋଗର ସଦ୍‌ବ୍ୟବହାର କରିବାର ସୁଯୋଗ ମଧ୍ୟ ହାତଛଡା କରୁ ନାହାନ୍ତି। ଏଠାରେ ଓଭରଟାଇମ୍ ଛଡା ୩୦ ଟଙ୍କାରୁ ୭୦ ଟଙ୍କା ପର୍ଯ୍ୟନ୍ତ ଦୈନିକ ମଜୁରୀରେ ଶ୍ରମିକମାନଙ୍କୁ ଦୈନିକ ୧୦ ରୁ ୧୨ ଘଣ୍ଟା କାମ କରିବାକୁ ବାଧ କରିଯାଉଛି। ଏହାଛଡା ଶ୍ରମିକମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର ମଧ୍ୟ କରାଯାଉଛି। ଅନ୍ତଃସତ୍ତ୍ୱା ମହିଳମାନଙ୍କୁ ମଧ୍ୟ ଛାଡ ମିଳୁ ନାହିଁ। ବିଶ୍ରାମ ପାଇଁ ଅବସର ସମୟ ଦୂରେ ଥାଉ ଶ୍ରମିକ, କର୍ମଚାରୀ ମାନଙ୍କର ଶୌଚାଳୟ ଯିବା ଉପରେ ମଧ୍ୟ ଏସ୍.ଇ.ଜେଡ୍‌ଗୁଡ଼ିକରେ ବିଧି ନିଷେଧ ରହିଛି। ମାଲିକମାନେ ଧାର୍ଯ୍ୟ କରିଥିବା ସମୟସୀମା ବାହାରେ କେହି ଶୌଚାଳୟରେ ରହିଲେ ଦରମା ପର୍ଯ୍ୟନ୍ତ କାଟ୍ କରାହେଉଛି। ଏସ୍.ଇ.ଜେଡ୍ ମାନଙ୍କରେ କାମର ପରିବେଶ ମଧ୍ୟ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର। ଅନେକ ଏସ୍.ଇ.ଜେଡ୍‌ରେ ଶ୍ରମିକମାନେ ଇ.ଏସ୍.ଆଇ ଓ ପି.ଏଫ୍. ଭଳି ସୁବିଧାରୁ ମଧ୍ୟ ବଞ୍ଚିତ।

କିନ୍ତୁ ଏ ସମସ୍ତ ସୁବିଧା ପାଇବା ପରେ ମଧ୍ୟ ଦେଖାଯାଉଛି ଯେ, ଏସ୍.ଇ.ଜେଡ୍‌ମାନଙ୍କରେ ହଜାର ହଜାର ଏକର ଜମି ଫାଙ୍କା ପଡିଛି। କଳକାରଖାନା ପ୍ରତିଷ୍ଠା ହେଉ ନାହିଁ। କାରଣ ଉତ୍ପାଦିତ ସାମଗ୍ରୀ ଗୋଦାମରେ ପଡି ରହିଛି। କିଣିବା ପାଇଁ ଲୋକ ନାହାନ୍ତି। ସେଥିପାଇଁ ନୂଆ କାରଖାନା ଖୋଲିବା ପାଇଁ ଶିଳ୍ପପତି-ପୁଞ୍ଜିପତିମାନେ ଚାହୁଁ ନାହାନ୍ତି। ଫଳରେ ଉତ୍ପାଦନ ବୃଦ୍ଧି ପାଉ ନାହିଁ। କର୍ମ ସଂସ୍ଥାନ ମଧ୍ୟ ସୃଷ୍ଟି ହେଉ ନାହିଁ। କେବଳ ଦେଶୀ ବିଦେଶୀ ବୃହତ୍ ପୁଞ୍ଜିର ମାଲିକମାନଙ୍କ ମୁନାଫାର ଭଣ୍ଡାର ଆହୁରି ସ୍ଫୀତ ହେଉଛି।

ବାସ୍ତବରେ ବଜାର ସଂକଟରେ ଜର୍ଜରିତ ପୁଞ୍ଜିବାଦୀ ବ୍ୟବସ୍ଥାକୁ ବଞ୍ଚାଇ ରଖିବା ହିଁ ହେଉଛି ଏସ୍.ଇ.ଜେଡ୍ ପ୍ରତିଷ୍ଠାର ମୂଳ ଉଦ୍ଦେଶ୍ୟ। କ୍ରେତା ଅଭାବରେ ଗୋଟିକିଆ ପକାଉଥିବା ପୁଞ୍ଜିବାଦୀ ବ୍ୟବସ୍ଥାକୁ ଅମ୍ଳଜାନ ଯୋଗାଇବା ପାଇଁ ପୁଞ୍ଜିବାଦର ସମର୍ଥକ ଅର୍ଥନୀତିବିତ୍‌ମାନେ ପ୍ରଚଳନ କରିଛନ୍ତି ଜଗତିକରଣ, ଉଦାରିକରଣ ଓ ଘରୋଇକରଣର ଅର୍ଥନୀତି। ଏହି ନୀତି ମାନି ନେଇ ପୁଞ୍ଜିପତିମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦେଇ ସେମାନଙ୍କ ହାତରେ ମାରାତ୍ମକ ଶ୍ରମିକ ଶୋଷଣର ଅଧିକାର ଦେବା ଉଦ୍ଦେଶ୍ୟରେ ହିଁ ଏସ୍.ଇ.ଜେଡ୍‌ର ପରିକଳ୍ପନା। ମାତ୍ର ଏସବୁ ଉଦ୍ୟମ ସତ୍ତ୍ୱେ ମଧ୍ୟ ମରଣମୁଖୀ ପୁଞ୍ଜିବାଦର ଶ୍ୱାସକଷ୍ଟ ଦୂର କରିବା ପାଇଁ ସର୍ବନିମ୍ନ ଆବଶ୍ୟକ ପରିମାଣର ଅମ୍ଳଜାନ ଯୋଗାଣ ଅସମ୍ଭବ ହୋଇ ପଡିଛି। ସି.ଏ.ଜିର ସଦ୍ୟ ପ୍ରକାଶିତ ରିପୋର୍ଟ ଏହି ସତ୍ୟଟିକୁ ହିଁ ତୋଳି ଧରିଛି।

# ଆନ୍ତର୍ଜାତୀୟ ବଜାରରେ ତେଲ ଦାମ୍ କମୁଛି, ହେଲେ ସୁଫଳ ପାଉ ନାହାନ୍ତି ଜନସାଧାରଣ

ପେଟ୍ରୋଲ, ଡିଜେଲ୍ ଓ ଜାଳେଣି ଗ୍ୟାସ୍ ଉପରେ ସବ୍‌ସିଡି ଦେଇ ଦେଇ ସରକାରୀ ତହବିଲର ଅବସ୍ଥା ଶୋଚନୀୟ ହୋଇ ପଡିଲାଣି- ଏହ ଗୀତ ଶୁଣି ଶୁଣି ଦେଶର ସାଧାରଣ ଲୋକଙ୍କ କାନ ତାବ୍‌ଦା ହୋଇଗଲାଣି। ଏକଥା କେଉଁମାନେ କହୁଛନ୍ତି ? ମନ୍ତ୍ରୀ ଓ ଉଚ୍ଚପଦସ୍ଥ ଅମଲା, ପ୍ରଚାର ମାଧ୍ୟମ ଦ୍ୱାରା ସୃଷ୍ଟି ହୋଇଥିବା ପଣ୍ଡିତ ଗୋଷ୍ଠି, ଖବର କାଗଜରେ ନିବନ୍ଧ ଲେଖୁଥିବା ବୁଦ୍ଧିଜୀବୀ, ସରକାରଙ୍କର ବଶମ୍ବଦ ଦଳେ ତଥାକଥିତ ଅର୍ଥନୀତି ବିଷାରଦ ଏବଂ ପୁଞ୍ଜିର ମାଲିକମାନେ ଏକଥା କହୁଛନ୍ତି। ତିନି ତୁଣ୍ଡରେ ଛେଳି କୁକୁର ହେଲା ଭଳି ଏକତରଫା ପ୍ରଚାରରେ ବ୍ୟାପକ ସଂଖ୍ୟକ ସାଧାରଣ ଲୋକ ବିଭ୍ରାନ୍ତ ହୋଇ ଏହା ସତ୍ୟ ବୋଲି ଭାବିବାକୁ ଆରମ୍ଭ କରିଛନ୍ତି। ଏହି ସୁଯୋଗରେ ୨୦୧୦ ମସିହାରେ କଂଗ୍ରେସ ନେତୃତ୍ୱରେ ପରିଚାଳିତ ତତ୍କାଳୀନ କେନ୍ଦ୍ର ୟୁ.ପି.ଏ ସରକାର ଅତ୍ୟନ୍ତ ଅନାୟାସରେ ପେଟ୍ରୋଲ ଦରକୁ ସରକାରୀ ନିୟନ୍ତ୍ରଣ ମୁକ୍ତ କରିଦେଇଥିଲେ। ବର୍ତ୍ତମାନର ବି.ଜେ.ପି ନେତୃତ୍ୱରେ ପରିଚାଳିତ ଏନ୍.ଡି.ଏ ସରକାର ସେହି କାରଣରୁ ହିଁ ଡିଜେଲ୍ ଦରକୁ ସରକାରୀ ନିୟନ୍ତ୍ରଣମୁକ୍ତ କରିଛି ଏବଂ କଣ୍ଟ୍ରୋଲ କିରାସିନି ଯୋଗାଣ ବନ୍ଦ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛି। ବର୍ତ୍ତମାନ କୁଆଡେ ସାଧାରଣ ଲୋକ କିରାସିନିକୁ ଆଉ ଜାଳେଣୀଭାବରେ ବ୍ୟବହାର କରୁ ନାହାନ୍ତି। ସରକାରଙ୍କ ଘୋଷଣା ଅନୁଯାୟୀ ସରକାର ପେଟ୍ରୋଲ୍-ଡିଜେଲ୍ ଓ କିରାସିନିର ଦର ଉପରେ କୌଣସି ନିୟନ୍ତ୍ରଣ ରଖି ନାହାନ୍ତି। ଏସବୁର ଦର ବଜାର ନିୟମ ଅନୁଯାୟୀ ସ୍ଥିର ହେବ ବୋଲି ସରକାର ଘୋଷଣା କରିଛନ୍ତି। ତାହେଲେ ଦେଖାଯାଉ ବଜାରର ସେହି ନିୟମଟା କଣ ? ନିୟମଟା ହେଲା ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଦାମରେ କମ୍ ବେଶୀ ହେବା ଅନୁଯାୟୀ ଦେଶୀୟ ବଜାରରେ ପେଟ୍ରୋଲ, ଡିଜେଲ ଇତ୍ୟାଦିର ଦାମ ନିର୍ଣ୍ଣୟ ହେବ। ଏହି ଦର ନିର୍ଦ୍ଧାରଣ କରିବେ ଦେଶର ତେଲ କମ୍ପାନୀମାନେ। ଏବାବଦରେ ସରକାରଙ୍କର କିଛି ଅଙ୍କୁଶ ରହିବ ନାହିଁ।

ଦେଶର ଜନସାଧାରଣଙ୍କର ଅଭିଜ୍ଞତା ମଧ୍ୟ ସମାନ ଧରଣର। ପେଟ୍ରୋପଣ୍ୟ ସରକାରୀ ନିୟନ୍ତ୍ରଣ ମୁକ୍ତ ହେବା ପୂର୍ବରୁ ମଧ୍ୟ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦରବୃଦ୍ଧିର ଦ୍ୱାହି ଦେଇ ସରକାର ବାରମ୍ବାର ତେଲର ଦାମ୍ ବୃଦ୍ଧି କରୁଥିଲେ। ତେଲ ଦର ନିୟନ୍ତ୍ରଣ ମୁକ୍ତ ହେବା ପରେ ଏହି ଦର ବୃଦ୍ଧି ଏକ ସ୍ୱାଭାବିକ ପ୍ରକ୍ରିୟାରେ ପରିଣତ ହୋଇଥିଲା। ମାତ୍ର ସମ୍ପ୍ରତି ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦାମ ହ୍ରାସ ପାଇ ଚାଲିଛି। ୨୦୧୪ ମସିହା ଜୁନ୍ ମାସରେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦାମ ବ୍ୟାରେଲ ପିଛା ୧୧୫ ମାର୍କିନ୍ ଡଲାରରେ ପହଞ୍ଚିଥିଲା। ବର୍ତ୍ତମାନ ସେହି ଦର ଖସିଖସି ୪୫ ମାର୍କିନ୍ ଡଲାରରୁ ମଧ୍ୟ କମ୍‌ରେ ପହଞ୍ଚିଛି। ସ୍ୱଭାବିକଭାବରେ ବଜାରର ନିୟମ ଅନୁଯାୟୀ ଦେଶୀୟ ବଜାରରେ ତେଲର ଦାମ୍ ଆନୁପାତିକଭାବରେ କମିବା କଥା।

ମାତ୍ର ତାହା ହେଉ ନାହିଁ। ଗତ ଜୁନ୍ ମାସ ତୁଳନାରେ ଆନ୍ତର୍ଜାତୀୟ ବଜାରରେ ତେଲର ଦାମ୍ ପ୍ରାୟ ଶତକଡା ୬୦ ଭାଗରୁ ଅଧିକ ହ୍ରାସ ପାଇଛି। ଜୁନ୍ ମାସରେ ଭାରତରେ ଗୋଟିଏ ଲିଟର ଡିଜେଲର ଦାମ୍ ଥିଲା ପ୍ରାୟ ୬୮ ଟଙ୍କା। ତାହେଲେ ଏହିଦାମ୍ ଲିଟର ପିଛା ୪୦ ଟଙ୍କା ହ୍ରାସ ପାଇ ୨୫ ଟଙ୍କା ହେବା କଥା। ମାତ୍ର ତେଲ କମ୍ପାନୀଗୁଡ଼ିକ ୩ ଦଫାରେ ଲିଟର ପିଛା ଡିଜେଲର ଦାମ୍ ମାତ୍ର ୭ ଟଙ୍କା ୧୩ ପଇସା ହ୍ରାସ କରିଛନ୍ତି। ତାହେଲେ ବଜାରର ନିୟମ ଗଲା କେଉଁଆଡେ ? ବଜାରର ନିୟମ୍ କଣ କେବଳ ଦାମ୍ ବଢିବା ବେଳେ, ଅର୍ଥାତ୍ ଜନସାଧାରଣଙ୍କ ପକେଟ୍ କାଟିବା ପାଇଁ କାମରେ ଲାଗେ ? ତାହେଲେ ଏକ୍ଷେତ୍ରରେ ସରକାରଙ୍କ ଭୂମିକାଟା କିଧରଣର ? ସରକାର କଣ ଚୁପ୍‌ଚାପ୍ ବସିଛନ୍ତି ? ନା, କଥାଟା ତା ନୁହେଁ। ସରକାର ତେଲ କମ୍ପାନୀମାନଙ୍କର ଏହି ଲୁଟକୁ କେବଳ ମଦଦ୍ ଯୋଗାଇ ଚାଲିଛନ୍ତି ତାହା ନୁହେଁ, ତେଲ ଉପରେ ଅଧିକରୁ ଅଧିକ କର ଟିକସ୍ ବଢାଇ ଚାଲିଛନ୍ତି। ପେଟ୍ରୋଲ ଓ ଡିଜେଲ ଲିଟର ପିଛା କେନ୍ଦ୍ର ସରକାର ଦୁଇ ଦଫାରେ ପ୍ରାୟ ୧୦ ଟଙ୍କା ଅଧିକ ଉତ୍ପାଦନ ଶୁଳ୍କ ବସାଇଛନ୍ତି। ଆମ ରାଜ୍ୟର ବି.ଜେ.ଡି ସରକାର ମଧ୍ୟ ଇତିମଧ୍ୟରେ ପେଟ୍ରୋଲ ଓ ଡିଜେଲ ଉପରେ ଲିଟର ପିଛା ୧ଟଙ୍କା ୭୦ ପଇସା ଭାଟ୍ ବୃଦ୍ଧି କରିଛନ୍ତି। ଅର୍ଥାତ୍ ଆନ୍ତର୍ଜାତୀୟ ବଜାରରେ ତେଲ ଦର ବିପୁଳ ପରିମାଣରେ ହ୍ରାସ ପାଇଥିଲେ ମଧ୍ୟ ତେଲ କମ୍ପାନୀମାନେ ଦୟାପରବସ ହୋଇ ଯେଉଁ ସମାନ୍ୟ ଦରହ୍ରାସ କରିଥାନ୍ତେ ତାହାକୁ କେନ୍ଦ୍ର ଓ ରାଜ୍ୟ ସରକାର ଟିକସ୍ ବୃଦ୍ଧି କରି ଆତ୍ମସାତ୍ କରିଦେଲେ। ଏହି କର ବୃଦ୍ଧି କରି କେନ୍ଦ୍ର ସରକାର ଦେଶର ଜନସାଧାରଣଙ୍କଠାରୁ ଅଧିକ ୪୦ ହଜାର କୋଟି ଟଙ୍କା ଆଦାୟ କରିବେ। ରାଜ୍ୟ ସରକାର ମଧ୍ୟ ସେହିଭଳି ଶହ ଶହ କୋଟି ଟଙ୍କା ଜନସାଧାରଣଙ୍କ ଠାରୁ ଲୁଟ୍ କରିବେ।

କହିବା ବାହୁଲ୍ୟ, ତେଲର ଦାମ୍ ଯେଉଁ ସାମାନ୍ୟ କମିଛି ସେଥିରେ ମୋଦୀ ସରକାରର କୌଣସି ବାହାଦୂରୀ ନାହିଁ। ବରଂ ନିଜକୁ ଦେଶବାସୀଙ୍କର ପ୍ରଧାନ ସେବକ ବୋଲି ଦାବି କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନ୍ତର୍ଜାତୀୟ ବଜାର ଦର ଅନୁପାତରେ ଦେଶୀୟ ବଜାରରେ ତେଲ ଦର ନିର୍ଦ୍ଧାରଣ କରିବା ପାଇଁ ତେଲ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେବା ଆବଶ୍ୟକ ଥିଲା। ଏହି ସୁଯୋଗରେ ରେଳଗାଡି, ବସ୍, ଟ୍ରକ୍ ଇତ୍ୟାଦିର ଯାତ୍ରୀ ଓ ମାଲ ପରିବହନ ଭଡା ଯଥେଷ୍ଟ ହ୍ରାସ୍ କରାଯାଇ ପାରିଥାନ୍ତି ଏବଂ ଏହାଫଳରେ ଦେଶରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ହ୍ରାସ କରି ଦରବୃଦ୍ଧି ଫଳରେ ହାହାକାର କରୁଥିବା ଜନସାଧାରଣଙ୍କୁ ସାମାନ୍ୟ ଆଶ୍ୱସ୍ତି ଦିଆଯାଇ ପାରିଥାନ୍ତା। ମାତ୍ର କେନ୍ଦ୍ର ବି.ଜେ.ପି ଓ ରାଜ୍ୟ ବି.ଜେ.ଡି ସରକାର ତାହା କରି ନାହାନ୍ତି। ବରଂ ଘରୋଇ ତେଲ କମ୍ପାନୀମାନଙ୍କୁ ଲାଲେ ଲାଲ୍ କରିଛନ୍ତି।

ଏହିଠାରେ ହିଁ ସରକାରର ଚୂଡାନ୍ତ ଜନବିରୋଧୀ ଚରିତ୍ର ଅତ୍ୟନ୍ତ ସ୍ପଷ୍ଟ। ସୁଯୋଗ ଥିବା ସତ୍ତ୍ୱେ ମଧ୍ୟ ଜନସାଧାରଣଙ୍କୁ ମୂଲ୍ୟବୃଦ୍ଧିର ବୋଝରୁ ସାମାନ୍ୟ ଆଶ୍ୱସ୍ତି ନଦେଇ ସରକାର ନିର୍ଲ୍ଲଜଭାବରେ ତେଲ କମ୍ପାନୀଗୁଡ଼ିକୁ ହଜାର ହଜାର କୋଟି ଟଙ୍କା ଲୁଟ୍ କରିବାର ସୁଯୋଗ କରିଦେଉଛି ଏବଂ ଅଧିକରୁ ଅଧିକ ଟିକସ ଆଦାୟ କରୁଛି। ସେମାନଙ୍କ ପାଇଁ ଓ ଆଚ୍ଛାଦିନ ହିଁ ଆସିଛି।

## ଲେନିନ୍‌ଙ୍କ ସମ୍ପର୍କରେ ଷ୍ଟାଲିନ୍

୧ମ ପୃଷ୍ଠାର ଅବଶିଷ୍ଟାଂଶ

ସଂଗ୍ରାମ କ୍ଷେତ୍ରରେ କୌଣସି ଭୟ ନଥିଲା ଏବଂ ଯିଏ ରକ୍ଷର ବିପ୍ଳବୀ ଆନ୍ଦୋଳନର ଅନାବିଷ୍କୃତ ପଥରେ ପାର୍ଟିର ଅଗ୍ରଗତି ଘଟାଇବା କ୍ଷେତ୍ରରେ ଗୁରୁତ୍ୱ ଦେଉଥିଲେ। ମୋ ଉପରେ ପଡିଥିବା ଏହି ଗଭୀର ଛାପ ଏତେ ଦୂର ପ୍ରଭାବ ପକାଇଥିଲା ଯେ, ମୁଁ ଏ ସମ୍ପର୍କରେ ବିଦେଶରେ ନିର୍ବାସନରେ ଥିବା ଜଣେ ବନ୍ଧୁଙ୍କ ପାଖକୁ ତାଙ୍କର ମତାମତ ଜଣାଇବାକୁ ଅନୁରୋଧ କରି ଏକ ପତ୍ର ଲେଖିଥିଲି। କିଛି ଦିନ ପରେ ମୁଁ ସାଇବେରିଆରେ ନିର୍ବାସନରେ ଥିବା ଅବସ୍ଥାରେ ହିଁ ୧୯୦୩ ମସିହାର ଶେଷଭାଗରେ ମୋର ବନ୍ଧୁଙ୍କ ନିକଟରୁ ଏକ ଉତ୍ସାହବ୍ୟଞ୍ଜକ ଉତ୍ତର ପାଇଥିଲି ଏବଂ ଲେନିନ୍‌ଙ୍କ ଠାରୁ ଏକ ଛୋଟ ଅଥଚ ଭାବୋଦ୍ଦୀପକ ଚିଠି ପାଇଥିଲି। ଲେନିନ୍‌ଙ୍କ ଚିଠିଟି ଥିଲା ତୁଳନାମୂଳକଭାବେ ଛୋଟ, ମାତ୍ର ଏହା ଥିଲା ପାର୍ଟିର ବାସ୍ତବ କାର୍ଯ୍ୟକଳାପ ସମ୍ପର୍କରେ ଏକ ନିର୍ଭିକ ସମାଲୋଚନା ତଥା ପାର୍ଟିର ଅଦୂର ଭବିଷ୍ୟତର କାର୍ଯ୍ୟକଳାପ ସମ୍ପର୍କରେ ଏକ ଅତ୍ୟନ୍ତ ସୁସ୍ପଷ୍ଟ ଓ ସଂକ୍ଷିପ୍ତ ବ୍ୟାଖ୍ୟା। କେବଳ ଲେନିନ୍ ହିଁ ଏତେ ଜଟିଳ ବିଷୟ ସମ୍ପର୍କରେ ଏତେ ସରଳ ଓ ସଂକ୍ଷିପ୍ତଭାବରେ ଏବଂ ଦୃଢତାର ସହ ଲେଖିବାକୁ ସକ୍ଷମ ଥିଲେ। ତାଙ୍କର ପ୍ରତ୍ୟେକ ବାକ୍ୟ କାନ ଭିତରେ ବନ୍ଧୁକର ଗୁଳି ଭଳି ଗୁଞ୍ଜରିତ ହେଉଥିଲା। ଏହି ସରଳ ଏବଂ ଦୃଢ ପତ୍ରଟି ମୋ ଭିତରେ ଏହି ଧାରଣାକୁ ଆହୁରି ଶକ୍ତିଶାଳୀ କରିଥିଲା ଯେ, ଲେନିନ୍ ଥିଲେ ଆମ ଦଳର ପାହାଡୀ ଇଗଲ୍। ଏକ ଗୋପନ କର୍ମୀର ଅଭ୍ୟାସର ବଶବର୍ତ୍ତୀ ହୋଇ ମୁଁ ଏହି ଚିହ୍ନଟିକୁ ସାଇତି ନରଖି ଅନ୍ୟ ଚିଠି ଭଳି ମୋଡି ମକ୍‌ଚି ଦେଇଥିବାରୁ ମୋର ଅପରାଧ ଅକ୍ଷମଣୀୟ।

ସେହି ଦିନଠାରୁ ଲେନିନ୍‌ଙ୍କ ସହ ମୋର ସମ୍ପର୍କ ଗଢି ଉଠିଛି।

### ନମ୍ରତା

ମୋର ଲେନିନ୍‌ଙ୍କ ସହ ପ୍ରଥମ ସାକ୍ଷାତ ହୋଇଥିଲା ୧୯୦୫ ମସିହାର ଟେମରଫୋର୍ଡ(ଫିନ୍‌ଲ୍ୟାଣ୍ଡ)ଠାରେ ଅନୁଷ୍ଠିତ ବଲ୍‌ସେଭିକ ସମ୍ମିଳନୀରେ। ମୁଁ ଆମ ଦଳର ଏହି ପାହାଡୀ ଇଗଲଙ୍କୁ, ମହାନ୍ ନେତାଙ୍କୁ ସକ୍ଷାତ କରିବା ପାଇଁ ଚାହୁଁଥିଲି। ସେ ଯେ କେବଳ ରାଜନୈତିକଭାବରେ ମହାନ୍ ଥିଲେ ତାହା ନୁହେଁ, ଏପରିକି ମୋର ଧାରଣା ଅନୁଯାୟୀ ମୁଁ ତାଙ୍କୁ ଏକ ବିଶାଳ, ଗମ୍ଭୀର ଓ ପ୍ରଭାବଶାଳୀ ଆକୃତି ସମ୍ପନ୍ନ ମଣିଷ ବୋଲି କଳ୍ପନା କରିଥିଲି। ମାତ୍ର ଦୁଃଖର ସହିତ ମୁଁ ଲକ୍ଷ୍ୟ କରିଥିଲି, ସାଧାରଣ ଉଚ୍ଚତାରୁ ବି କମ୍ ଉଚ୍ଚତା ବିଶିଷ୍ଟ ଅତି ସାଧାରଣ ମନେହେଉଥିବା ଜଣେ ମଣିଷ, ଯାହାଙ୍କୁ କୌଣସି ଅବସ୍ଥାରେ ବି ଅନ୍ୟ ସାଧାରଣ ମଣିଷଠାରୁ ଅଲଗା ବିଚାର କରିବା ସମ୍ଭବ ନଥିଲା।

ଜଣେ ବଡ ମଣିଷଙ୍କ କ୍ଷେତ୍ରରେ ଏହା ଏକ ସ୍ୱୀକୃତ ସ୍ୱଭାବିକ ଘଟଣା ଯେ, ସେ ବିଳମ୍ବରେ ସଭାରେ ପହଞ୍ଚିବେ ଏବଂ ସମସ୍ତଙ୍କୁ ଅତ୍ୟନ୍ତ ସନ୍ତର୍ପଣ ଓ ଶ୍ୱାସରୁଦ୍ଧ ଅବସ୍ଥାରେ ତାଙ୍କର ଆଗମନକୁ ଅପେକ୍ଷା କରିବାକୁ ହେବ। ସେହି 'ବଡ ମଣିଷ'ଙ୍କ ପ୍ରବେଶ ମୁହୂର୍ତ୍ତରେ ଗୁଞ୍ଜରଣ ସୃଷ୍ଟି ହେବ ଯେ 'ଏ' ପାର୍ଟି କରନା, ସେ ଆସୁଛନ୍ତି, ଏହି ପଦ୍ଧତିଟିକୁ ମୁଁ ଉପରଠାଉରିଆ ବୋଲି ମନେ କରେନା। କାରଣ ଏହା ପ୍ରଭାବ ପକାଏ ଓ ସମ୍ମାନ ସୃଷ୍ଟି କରେ। ମାତ୍ର ମୁଁ ଏକଥା ଜାଣି ଦୁଃଖିତ ହେଲି ଯେ ସେହି ସମ୍ମିଳନୀରେ ପ୍ରତିନିଧିମାନଙ୍କ ପୂର୍ବରୁ ହିଁ ସେ ପହଞ୍ଚି ସାରିଥିଲେ ଏବଂ ସେହି ହଲର ଏକ ପ୍ରାନ୍ତରେ ଅତି ସାଧାରଣ ପ୍ରତିନିଧିମାନଙ୍କ ସହିତ ଅତ୍ୟନ୍ତ ମାମୁଲି ଧରଣର କଥାବାର୍ତ୍ତାରେ ମଗ୍ନ ଥିଲେ। ମୁଁ ଏକଥା ଆପଣମାନଙ୍କ ନିକଟରେ ଗୋପନ ରଖିବାକୁ ଚାହେଁ ନା ଯେ ସେତେବେଳେ ମୋତେ ଏହା କେତେକ ଜରୁରୀ ବିଧି ବ୍ୟବସ୍ଥାର ଲଂଘନ ବୋଲି ମନେ ହୋଇଥିଲା।

ମାତ୍ର ପରେ ମୁଁ ବୁଝି ପାରିଥିଲି, ଲେନିନ୍‌ଙ୍କର ଏହି ସରଳ ଓ ନମ୍ର ସ୍ୱଭାବ, ସମସ୍ତଙ୍କ ଅଲକ୍ଷ୍ୟରେ ରହିବାର ଆକାଂକ୍ଷା, ନିଜକୁ ଜାହିର କରିବା ପାଇଁ ଚେଷ୍ଟା ନକରିବା ଏବଂ ନିଜର ଉଚ୍ଚ ପଦବୀକୁ ସାବ୍ୟସ୍ତ ନ କରିବାର ଏହି ଚାରିତ୍ରିକ ବୈଶିଷ୍ଟ୍ୟ ହିଁ ଜନସାଧାରଣଙ୍କର ସରଳ ଓ ସାଧାରଣ ଜନତା ତଥା ମାନବ ସମାଜର ନୂତନ ନେତାଭାବେ ଆବିର୍ଭୁତ ହେବା କ୍ଷେତ୍ରରେ ଏକ ଶକ୍ତିଶାଳୀ ଅସ୍ତ୍ର ଥିଲା।

### ଯୁକ୍ତିର ଦୃଢତା

ଲେନିନ୍ ଉକ୍ତ ସମ୍ମିଳନୀରେ ଦୁଇଟି ଅସାଧାରଣ ଭାଷଣ ଦେଇଥିଲେ। ଗୋଟିଏ ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ଓ ଅନ୍ୟଟି ଥିଲା କୃଷି ସମସ୍ୟା ଉପରେ। ଦୁଃଖର ବିଷୟ ସେଗୁଡ଼ିକୁ ସାଇତି ରଖାଯାଇ ନାହିଁ। ସେଗୁଡ଼ିକ ଥିଲା ପ୍ରେରଣା ଉଦ୍ଦୀପକ ଓ ତାହା ସମଗ୍ର ସମ୍ମିଳନୀର ପ୍ରତିନିଧିମାନଙ୍କ ମଧ୍ୟରେ ଉତ୍ସାହର ଝଡ ସୃଷ୍ଟି କରିଥିଲା। ତାଙ୍କର ଅସାଧାରଣ ପ୍ରତ୍ୟୟର କ୍ଷମତା, ସରଳ ଅଥଚ ସ୍ପଷ୍ଟ ଯୁକ୍ତିର ଅବତାରଣା, ସଂକ୍ଷିପ୍ତ ଓ ସହଜରେ ବୁଝି ହେଉଥିବା ବାକ୍ୟ ସମୂହ, ଛଳନାପୂର୍ଣ୍ଣ ପ୍ରମତ୍ତ ଅଙ୍ଗଭଙ୍ଗୀ ଓ ନାଟକୀୟ ଶବ୍ଦବିନ୍ୟାସର ଅନୁପସ୍ଥିତି ପ୍ରଭୃତି ଲେନିନ୍‌ଙ୍କୁ ଅନ୍ୟାନ୍ୟ ପାର୍ଲିଆମେଣ୍ଟାରୀ (ସଂସଦୀୟ) ବକ୍ତାମାନଙ୍କ ଠାରୁ ସମ୍ପୂର୍ଣ୍ଣ ବିପରୀତଭାବେ ପ୍ରତିଷ୍ଠିତ କରିଥିଲା।

ମାତ୍ର ସେ ସମୟରେ ଲେନିନ୍‌ଙ୍କ ଭାଷଣର ଏହି ଦିଗଟି ଦ୍ୱାରା ମୁଁ ବିମୋହିତ ହୋଇଥିଲି। ମୁଁ ତାଙ୍କର ଅପ୍ରତିରୋଧ୍ୟ ଯୁକ୍ତି ଦ୍ୱାରା, ଯାହା ଆପାତଃ ଦୃଷ୍ଟିରେ ରକ୍ଷ ମନେହୁଏ, ମାତ୍ର ତାହା ଶ୍ରୋତାମାନଙ୍କୁ ଦୃଢଭାବେ ବାନ୍ଧି ରଖେ, କ୍ରମେ କ୍ରମେ ସେମାନଙ୍କ ମଧ୍ୟରେ ବୈଦ୍ୟୁତିକ ପ୍ରବାହ ସଞ୍ଚାର କରେ ଏବଂ ପରିଶେଷରେ ସେମାନଙ୍କୁ ପରାଭୁତ କରେ। ମୋର ମନେଅଛି ଅଧିକାଂଶ ପ୍ରତିନିଧି କହିଥିଲେ,'ଲେନିନ୍‌ଙ୍କ ଭାଷଣର ଯୁକ୍ତିବିନ୍ୟାସ ଏକ ଜାଲ ଭଳି ସବୁ ଦିଗରୁ ଗୁଡେଇ ହୋଇ ଯାଏ ଓ ଚିମୁଟାରେ ମାଡି ବସିଲା ଭଳି ଧରି ରଖେ ଯେଉଁ ବନ୍ଧନ ଭିତରୁ ବାହାରି ଯିବାର ଆଉ ଶକ୍ତି ରହେ ନାହିଁ, ପରିଶେଷରେ ଜଣକୁ ବସୀଭୂତ ହେବାକୁ ପଡେ ଅଥବା ଚରମ ପରାଜୟର ସମ୍ମୁଖୀନ ହେବାକୁ ପଡେ।

ମୁଁ ମନେକରେ, ଜଣେ ବକ୍ତାଭାବେ ଲେନିନ୍‌ଙ୍କ ଭାଷଣ ନୈପୁଣ୍ୟର ଏହା ହିଁ ସୁନିଶ୍ଚିତ ବୈଶିଷ୍ଟ୍ୟ।

### ବିଳାପ ନୁହେଁ

୧୯୦୬ ମସିହାରେ ଷ୍ଟକ୍‌ହୋମଠାରେ ଅନୁଷ୍ଠିତ ଆମ ପାର୍ଟି କଂଗ୍ରେସରେ ମୁଁ ଦ୍ୱିତୀୟଥର ଲେନିନ୍‌ଙ୍କୁ ଭେଟିଥିଲି। ଆପଣମାନେ ଜାଣନ୍ତି ଯେ ଏହି କଂଗ୍ରେସରେ ବଲ୍‌ସେଭିକମାନେ ସଂଖ୍ୟାଲଘୁ ଥିଲେ ଓ ପରାଜିତ ହୋଇଥିଲେ। ପ୍ରଥମଥର ପାଇଁ ଏହିଠାରେ ମୁଁ ଲେନିନ୍‌ଙ୍କୁ ପରାଜିତର ଭୂମିକାରେ ଦେଖିଥିଲି। ମାତ୍ର ସେ ସେହି ନେତାମାନଙ୍କ ଭଳି ନଥିଲେ; ଯେଉଁମାନେ ପରାଜିତ ହେବା ପରେ ବିଳାପ କରନ୍ତି ଓ ଭାଙ୍ଗି ପଡନ୍ତି। ମାତ୍ର ଏହାର ବିପରୀତରେ ଏକ ପରାଜୟ ଲେନିନ୍‌ଙ୍କୁ ସୁସମ୍ମନ୍ୱିତ ଶକ୍ତିର ନିର୍ଝରଣୀରେ ରୂପାନ୍ତରିତ କରି ଦେଉଥିଲା ଏବଂ ତାଙ୍କର ସମର୍ଥକମାନଙ୍କୁ ନୂତନ ସଂଗ୍ରାମ ଓ ଭବିଷ୍ୟତ ପାଇଁ ପ୍ରେରଣା ଯୋଗାଉଥିଲା। ମୁଁ କହିଲି ଲେନିନ୍ ପରାସ୍ତ ହୋଇଥିଲେ, ମାତ୍ର ଏହା କି ଧରଣର ପରାଜୟ ଥିଲା ? ଆପଣମାନଙ୍କୁ ଲେନିନ୍ ବିରୋଧି ଷ୍ଟକହୋମ୍ କଂଗ୍ରେସର ବିଜେତା ପ୍ଲେଖାନଭ, ଆକ୍ସେଲରଡ୍, ମାର୍ତୋଭ ପ୍ରଭୃତିଙ୍କୁ ଲକ୍ଷ୍ୟ କରିବାକୁ ହେବ। ସେମାନଙ୍କୁ ଦେଖିଲେ ଆଦୌ ବିଜୟୀ ବୋଲି ମନେ ହେଉନଥିଲା। କାରଣ ମେନସେଭିକବାଦ ବିରୁଦ୍ଧରେ ଲେନିନ୍‌ଙ୍କ ନିର୍ଦ୍ଦୟ ସମାଲୋଚନା ସେମାନଙ୍କ ହାଡରୁ ମାଂସ ବାହାର କରିଦେଇଥିଲା। ମୋର ମନେ ଅଛି, ଆମେ ବଲସେଭିକମାନେ ଏକାଠି ହୋଇ ଲେନିନ୍‌ଙ୍କୁ ଘେରି ବସି ତାଙ୍କର ପରାମର୍ଶ ଚାହୁଁଥିଲୁ। କେତେକ ପ୍ରତିନିଧିଙ୍କ ବକ୍ତବ୍ୟ ଭିତରେ ଆଶଂକା ଓ ହତାଶା ପୁରି ରହିଥିଲା। ମୋର ମନେଅଛି ମହାନ୍ ଲେନିନ୍ ଦାନ୍ତ ଚିପି ଆକ୍ରମଣାତ୍ମକ ଭଙ୍ଗୀରେ ତାର ଉତ୍ତର ଦେଇ କହିଥିଲେ, 'ବିଳାପ କରୁଥିବା ବୁଦ୍ଧିଜୀବୀଙ୍କ ପ୍ରତି ଘୃଣା, ଆମର ଶକ୍ତି ଉପରେ ବିଶ୍ୱାସ ଏବଂ ବିଜୟ ଅର୍ଜନ କରିବା ଉପରେ ଆସ୍ଥା- ଲେନିନ୍‌ଙ୍କର ଏହି ଗୁଣାବଳୀ ଆମକୁ ପ୍ରଭାବିତ କରିଥିଲା। ଆମେ ଏକଥା ଅନୁଭବ କରିଥିଲୁ ଯେ ବଲସେଭିକମାନଙ୍କର ପରାଜୟ ଥିଲା ସାମୟିକ ଏବଂ ସେମାନେ ଅଦୂର ଭବିଷ୍ୟତରେ ହିଁ ନିଶ୍ଚିତ ବିଜୟ ଅର୍ଜନ କରିବେ। ପରାଜୟରେ ବିଳାପ ନୁହେଁ- ଏହା ହିଁ ଥିଲା ଲେନିନ୍‌ଙ୍କର କାର୍ଯ୍ୟକଳାପର ବୈଶିଷ୍ଟ୍ୟ। ଏହା ହିଁ ଲେନିନ୍‌ଙ୍କ ଚାରି ପାଖରେ ଆଜୀବନ ଅବିଚଳ ଏବଂ ନିଜଶକ୍ତି ସମ୍ପର୍କରେ ଆସ୍ଥାବାନ ଏକ ସଂଗ୍ରାମୀ ବାହିନୀକୁ ସାହାଯ୍ୟ କରିଥିଲା।

## ଜମି ଅଧିଗ୍ରହଣ ଅଧ୍ୟାଦେଶ ନରେନ୍ଦ୍ର ମୋଦୀ ସରକାରର ଜନବିରୋଧୀ ଚରିତ୍ରକୁ ପ୍ରମାଣିତ କରିଛି

ବିଗତ ଶତାବ୍ଦିର ନବେ ଦଶକର ପ୍ରାରମ୍ଭରେ ରାଷ୍ଟ୍ରର ନିୟନ୍ତ୍ରଣରେ କୁଜା ହୋଯାଇଥିବା ଅର୍ଥନୀତିର ମେରୁଦଣ୍ଡ ସଳଖ କରିବା ଦ୍ୱାହିଦେଇ ତତ୍କାଳୀନ କଂଗ୍ରେସ ସରକାର ଜଗତିକରଣ, ଘରୋଇକରଣ, ଉଦାରୀକରଣ ପ୍ରକ୍ରିୟା ଆରମ୍ଭ କରିଥିଲା। ଏହି ପ୍ରକ୍ରିୟା ଆରମ୍ଭ ହେବା ପରେ ବଜାର ଅଭାବରୁ ମାନ୍ଦାବସ୍ଥାଜନିତ ସଂକଟରେ ପଡିଥିବା ଅଳସ ପୁଞ୍ଜିର ମାଲିକମାନଙ୍କୁ ସେମାନଙ୍କର ପୁଞ୍ଜି ବିନିଯୋଗ କରିବା ପାଇଁ ବହୁ ନୂତନ କ୍ଷେତ୍ର ମିଳିଗଲା। ସେଥିରୁ ଅନ୍ୟତମ ହେଉଛି କାରଖାନା ପ୍ରତିଷ୍ଠା ଆଳରେ କୃଷକମାନଙ୍କ ହାତରୁ ଜମି ଦଖଲ ଓ ଖଣି ସମେତ୍ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦର ହରିଲୁଟ୍। ସୂଚନାଯୋଗ୍ୟ, ଦେଶରେ ଜଗତିକରଣ ନୀତି ଲାଗୁ କଲାବେଳେ ସରକାର ଘୋଷଣା କରିଥିଲେ ଯେ ଅର୍ଥନୀତି ଉପରୁ ସରକାରୀ ନିୟନ୍ତ୍ରଣ ହଟାଇ ନିଆଗଲେ ଦେଶୀ ବିଦେଶୀ ପୁଞ୍ଜିପତିମାନେ ବିଭିନ୍ନ କ୍ଷେତ୍ରରେ ପ୍ରଚୁର ପୁଞ୍ଜି ନିବେଶ କରିବେ ଏବଂ ଏହା ଦ୍ୱାରା ଉତ୍ପାଦନ ବୃଦ୍ଧି ପାଇବ, ଲୋକଙ୍କ ରୋଜଗାର ବଢିବ, ବେକାରୀ ଦୂର ହେବ, ଶିଳ୍ପ କ୍ଷେତ୍ରରେ ମାନ୍ଦାବସ୍ଥା ଦୂର ହେବ ଓ ଏହି ପ୍ରକ୍ରିୟାରେ ଦେଶର ଅର୍ଥନୀତି ଗତିଶୀଳ ହେବ। ଏହାର ସୁଫଳ ପାଇବେ ଦେଶର ଦରିଦ୍ର ଲୋକ। ଦେଶୀ ବିଦେଶୀ କମ୍ପାନୀମାନଙ୍କ ପୁଞ୍ଜି ଦେଶକୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ସରକାର କାରଖାନା ପ୍ରତିଷ୍ଠା କରିବା ପାଇଁ ଆଗ୍ରହୀ କମ୍ପାନୀମାନଙ୍କୁ କର ଟିକସ୍ ଛାଡ କରିବା, ସ୍ୱଳ୍ପ ମୂଲ୍ୟରେ ପାଣି, ବିଜୁଳି ଯୋଗାଇବା, ଶସ୍ତାରେ ଜମି ଓ ଖଣିଜ ସମ୍ପଦ ଯୋଗାଇଦେବା ଓ ସରକାରୀ ଖର୍ଚ୍ଚରେ କାରାଖାନା ପାଇଁ ରାସ୍ତାଘାଟ ଓ ରେଳ ଲାଇନ୍ ଭଳି ଭିତ୍ତିଭୂମି ସୃଷ୍ଟି କରିବେ ବୋଲି ଘୋଷଣା କରିଥିଲେ।

ଏହାର ସୁଯୋଗରେ ନବେ ଦଶକ ପରେ ଶହ ଶହ ଦେଶୀ ବିଦେଶୀ କମ୍ପାନୀ କାରଖାନା ପ୍ରତିଷ୍ଠା କରିବା ଆଳରେ ଦେଶର ନାନା ରାଜ୍ୟରେ ସରକାରୀ କଳ ଓ ବିଭିନ୍ନ ରାଜନୈତିକ ଦଳକୁ ବିଭିନ୍ନ ଭାବରେ ପ୍ରଭାବିତ କରି ଲକ୍ଷ ଲକ୍ଷ ଏକର ଚାଷ ଜମି ଅକ୍ତିଆର କରିବା ପାଇଁ ଉଦ୍ୟମ ଆରମ୍ଭ କଲେ। ଶିଳ୍ପାୟନର ଧୂଆଁବାଣ ମାରି ଜନସାଧାରଣଙ୍କୁ ପ୍ରତାରିତ କରୁଥିବା ବିଭିନ୍ନ ରାଜ୍ୟର ରାଜ୍ୟ ସରକାରମାନେ ମଧ୍ୟ ଶିଳ୍ପାୟନର ନିଶାରେ ୧୮୯୬ ମସିହାରେ ଇଂରେଜ ସରକାରଙ୍କ ଦ୍ୱାରା ପ୍ରଣୀତ ଚୂଡାନ୍ତ ଜନବିରୋଧୀ ଜନଅଧିଗ୍ରହଣ ଆଇନ୍‌କୁ ବ୍ୟବହାର କରି ବଳପୂର୍ବକ କୃଷକମାନଙ୍କ ହାତରୁ ଚାଷ ଜମି, ଏପରିକି ବହୁ କ୍ଷେତ୍ରରେ ଜଳସେଚିତ ବହୁ ଫସଲୀ ଚାଷଜମି ଛଡାଇ ଆଣି ଶାଗମାଛ ଦରରେ ଏହି ସମସ୍ତ ଜମିକୁ ଘରୋଇ କମ୍ପାନୀମାନଙ୍କ ହାତରେ ଟେକିଦେବା ପାଇଁ ଉଦ୍ୟମ ଆରମ୍ଭ କଲେ। ଓଡିଶାରେ ମଧ୍ୟ ଏହି ପ୍ରକ୍ରିୟା ଆରମ୍ଭ ହେଲା। ୧୯୯୭ ମସିହାରେ ଗଞ୍ଜାମ ଜିଲ୍ଲାର ଗୋପାଳପୁରଠାରେ ବିସ୍ତୀର୍ଣ୍ଣ ମୂଲ୍ୟବାନ ଜମି ଟାଟା କମ୍ପାନୀକୁ ହସ୍ତାନ୍ତର କରିବାକୁ ତତ୍କାଳୀନ କଂଗ୍ରେସ ସରକାର ଉଦ୍ୟମ ଆରମ୍ଭ କଲା। ସେହି ଜମି ଉପରେ ଯୁଗ ଯୁଗ ଧରି ଜୀବିକା ଅର୍ଜନ କରୁଥିବା ଜନସାଧାରଣଙ୍କର ପ୍ରତିବାଦ ଓ ପ୍ରତିରୋଧ ଆନ୍ଦୋଳନକୁ ସରକାର ପୋଲିସ ଲଗାଇ ଦମନ କଲେ। ପ୍ରାୟ ୩ ହଜାର ଏକର ଜମି ଟାଟାକୁ ହସ୍ତାନ୍ତର କରାଗଲା। ମାତ୍ର ଇସ୍ପାତ କାରଖାନା ତ ଦୂରର କଥା ସେହି ଜମିରେ ଆଜି ପର୍ଯ୍ୟନ୍ତ ଫାଉଣ୍ଡ୍ରିଟିଏ ମଧ୍ୟ ପ୍ରତିଷ୍ଠା ହୋଇ ନାହିଁ।

୨୦୦୦ ମସିହାରେ ଚୂଡାନ୍ତଭାବରେ ନିନ୍ଦିତ କଂଗ୍ରେସ ଦଳକୁ ପରାସ୍ତ କରି ବି.ଜେ.ଡି-ବି.ଜେ.ପି ମିଳିତ ସରକାର କ୍ଷମତାସୀନ ହେବା ପରେ ଜମି ଦଖଲର ସାହାଣମେଳା ଆରମ୍ଭ ହେଲା। କଳିଙ୍ଗନଗରଠାରେ ଟାଟା କମ୍ପାନୀର ପାଚେରୀ ନିର୍ମାଣ ପାଇଁ ୧୩ ଜଣ ଆଦିବାସୀଙ୍କୁ ଗୁଳି କରି ହତ୍ୟା କରାଗଲା। ପୋସ୍କୋ, ମିତ୍ତଲ, ଜିନ୍ଦଲ, ଏସ୍.ଆର୍ ପ୍ରଭୃତି କମ୍ପାନୀମାନଙ୍କ ପାଇଁ ଆଜିବି ରାଜ୍ୟର ବିଭିନ୍ନ ସ୍ଥାନରେ ପୋଲିସ କ୍ଷତିଗ୍ରସ୍ତ ଆନ୍ଦୋଳନକାରୀମାନଙ୍କ ଉପରେ ଅତ୍ୟାଚାର ଚଳାଇଛି। ନିୟମଗିରି ଓ ଲାଞ୍ଜିଗଡଠାରେ ମଧ୍ୟ ପୋଲିସ ନିରୀହ ଲୋକଙ୍କ ରକ୍ତରେ ହୋରି ଖେଳିଛି। ସେହିଭଳି ପଶ୍ଚିମବଙ୍ଗର ସିଙ୍ଗୁରଠାରେ ଟାଟା କମ୍ପାନୀର ମଟରଗାଡି ତିଆରି କାରଖାନା ଓ ନନ୍ଦୀଗ୍ରାମଠାରେ ଇନ୍ଦୋନେସିଆର କୁଖ୍ୟାତ ସଲିମ୍ ଗୋଷ୍ଠିର କାରଖାନା ପାଇଁ ପ୍ରଚୁର ପରିମାଣର ଜମି ଅଧିଗ୍ରହଣ କରିବାକୁ ସି.ପି.ଆଇ(ଏମ୍) ନେତୃତ୍ୱରେ ପରିଚାଳିତ ତତ୍କାଳୀନ ବାମଫ୍ରଣ୍ଟ ସରକାର ନିଷ୍ପତ୍ତି ଗ୍ରହଣ କରିଥିଲା। ସ୍ୱଭାବିକଭାବରେ ଏହା ବିରୁଦ୍ଧରେ ଜନଆନ୍ଦୋଳନ ଆରମ୍ଭ ହୋଇଥିଲା ଓ ଏହି ଜନଆନ୍ଦୋଳନର ହାତ୍ୱାରେ ଶେଷ ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ ଦୀର୍ଘ ୩୪ ବର୍ଷ ଧରି ଶାସନ କରୁଥିବା ସରକାରର ପତନ ଘଟିଥିଲା।

ବ୍ରିଟିଶ ଅମଳର ଜମି ଅଧିଗ୍ରହଣ ଆଇନକୁ ପରିବର୍ତ୍ତନ କରି ଜମି ମାଲିକ, ଭାଗଚାଷୀ ଓ ଏହି ଜମି ଉପରେ ନିର୍ଭର କରି ଚଳୁଥିବା ଲୋକମାନଙ୍କୁ ସୁହାଇଲା ଭଳି ଏକ ନୂତନ ଜମି ଅଧିଗ୍ରହଣ ଆଇନ୍ ପ୍ରଣୟନ ପାଇଁ ସମଗ୍ର ଦେଶରେ ଆନ୍ଦୋଳନ ଗଢିଉଠିଥିଲା। ଏହି ଆନ୍ଦୋଳନର ଚାପରେ କଂଗ୍ରେସ ନେତୃତ୍ୱରେ ପରିଚାଳିତ ତତ୍କାଳୀନ ଉପା ସରକାର ଅନିଚ୍ଛା ସତ୍ତ୍ୱେ ମଧ୍ୟ ୨୦୧୩ ମସିହାରେ ଏକ ନୂତନ ଜମି ଅଧିଗ୍ରହଣ ବିଲ ପାର୍ଲିଆମେଣ୍ଟରେ ଆଗତ କରିଥିଲା। ଏହି ବିଲ୍ ସେତେବେଳର ମୁଖ୍ୟ ବିରୋଧୀ ଦଳ ଓ ବର୍ତ୍ତମାନର ଶାସନ କ୍ଷମତାରେ ଅଧିଷ୍ଠିତ ବି.ଜେ.ପି ଦଳ ସମେତ୍ ପ୍ରାୟ ସମସ୍ତ ଦଳମାନଙ୍କ ସମର୍ଥନରେ ଆଇନ୍‌ରେ ପରିଣତ ହୋଇଥିଲା। ଏହି ବିଲ୍‌ରେ କୃଷକ ଓ ଅନ୍ୟାନ୍ୟ କ୍ଷତିଗ୍ରସ୍ତ ବର୍ଗର ଲୋକମାନଙ୍କ ପାଇଁ ସାମାନ୍ୟ କେତେକ ସୁବିଧା ସୁଯୋଗ ରହିଥିଲା। ଯୁକ୍ତିଯୁକ୍ତ କାରଣ ନଥାଇ ମନଇଚ୍ଛା ଯେକୌଣସି ପରିମାଣର ଜମି ଅଧିଗ୍ରହଣ ଉପରେ କେତେକ ଅଙ୍କୁଶ ଲଗାଯାଇଥିଲା।

ମାତ୍ର ଏହି ଆଇନ୍ ପ୍ରଣୟନର ୧ ବର୍ଷ ନପୁରୁଣୁ ସେତେବେଳେ ଏହି ଦଳର ଏକମାତ୍ର ସଂଶୋଧନ ପ୍ରସ୍ତାବ ସରକାର ଗ୍ରହଣ କରିବା ପରେ ବିଲ୍‌ଟିକୁ ନିସର୍ତ୍ତ ସମର୍ଥନ ଦେଇ ଆଇନ୍‌ରେ ପରିଣତ କରିଥିବା ବି.ଜେ.ପି ଦଳ ଦେଶୀ ବିଦେଶୀ ଏକଚାଟିଆ ପୁଞ୍ଜିପତି ଓ କର୍ପୋରେଟ୍ ହାଉସ୍‌ର ଖୋଲାଖୋଲି ମଦଦ୍‌ରେ କ୍ଷମତାସୀନ ହେବା ପରେ ଓଲଟା ସ୍ୱରରେ ଗାଇବାକୁ ଆରମ୍ଭ କରିଛି। ସଂସଦର ଶୀତକାଳୀନ ଅଧିବେଶନ ଶେଷ ହେବାର ମାତ୍ର ୩ ଦିନ ପରେ ଏହି ସରକାର ଅନ୍ୟ ୫ଟି ଚରମ ଜନବିରୋଧୀ ଅଧ୍ୟାଦେଶ ସମେତ୍ ଜମି ଅଧିଗ୍ରହଣ ସକ୍ରାନ୍ତୀୟ ଅଧ୍ୟାଦେଶଟି ପ୍ରଣୟନ କରିଛି। ଏହା ଦ୍ୱାରା ୨୦୧୪ ମସିହାରେ ପ୍ରଣୟନ କରାଯାଇଥିବା ନୂତନ ଜମି ଅଧିଗ୍ରହଣ ଆଇନ୍‌ରେ ମନଇଚ୍ଛା ଅଧିଗ୍ରହଣ ରୋକିବା ପାଇଁ ଅନ୍ତର୍ଭୁକ୍ତ କରାଯାଇଥିବା କେତେକ ବ୍ୟବସ୍ଥାକୁ ଉଠାଇ ଦିଆଯାଇ ଜମିଅଧିଗ୍ରହଣକୁ ପୂର୍ବ ଅପେକ୍ଷା ଅଧିକ ଜନବିରୋଧୀ କରି ଦିଆଯାଇଛି। ୧୮୯୬ ଜମି ଅଧିଗ୍ରହଣ ଆଇନ୍‌ଠାରୁ ଏହି ଅଧ୍ୟାଦେଶ ଆହୁରି ମାରାତ୍ମକ ବୋଲି ବର୍ତ୍ତମାନ ସ୍ପଷ୍ଟ ହୋଇଯାଇଛି।

ଏହି ଅଧ୍ୟାଦେଶ ଅନୁଯାୟୀ ବନ୍ଦର, ରେଳ ଲାଇନ୍, କେନାଲ, ରାସ୍ତାଘାଟ, ପ୍ରତିରକ୍ଷା ପ୍ରତିଷ୍ଠାନ ଓ ପିପିପି ବ୍ୟବସ୍ଥାରେ ନୂତନ ସହରାଞ୍ଚଳ ପ୍ରତିଷ୍ଠା ଓ ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ଜମିଅଧିଗ୍ରହଣ ପୂର୍ବରୁ ଜମି ମାଲିକଙ୍କ ସମ୍ମତି ଆବଶ୍ୟକ ନାହିଁ। ୨୦୧୩ ମସିହାରେ ପ୍ରଣୀତ ଆଇନ୍ ଅନୁଯାୟୀ ଯେକୌଣସି ଜମି ଅଧିଗ୍ରହଣ ପାଇଁ କ୍ଷତିଗ୍ରସ୍ତଙ୍କ ସମ୍ମତି ଆବଶ୍ୟକ ଥିଲା। ପୁଣି ଏହି ଆଇନ୍ ଅନୁଯାୟୀ ସରକାରୀ ପ୍ରକଳ୍ପ ପାଇଁ ଉଚ୍ଛେଦ ହେବାକୁଥିବା ଗ୍ରାମର ଶତକଡା ୭୦ ଭାଗ ଓ ବେସରକାରୀ ବା ପିପିପି ପଦ୍ଧତିରେ ହେବାକୁ ଥିବା ପ୍ରକଳ୍ପ ପାଇଁ ଶତକଡା ୮୦ ଭାଗ ଲୋକଙ୍କ ସହମତି ଅପରିହାର୍ଯ୍ୟ ଥିଲା। ପୁନଶ୍ଚ ଏହି ଆଇନ୍ ଗ୍ରାମସଭାକୁ ଏକ ସାମ୍ବିଧାନିକ ମର୍ଯ୍ୟାଦା ଦେଇଥିଲା। ମାତ୍ର ବର୍ତ୍ତମାନ ମୋଦୀ ସରକାର ପ୍ରଣୟନ କରିଥିବା ଅଧ୍ୟାଦେଶରେ ଏହି ସମସ୍ତ ବ୍ୟବସ୍ଥାକୁ ଉଠାଇ ଦିଆଯାଇଛି। ପୁଣି କ୍ଷତିପୁରଣ କ୍ଷେତ୍ରରେ ମଧ୍ୟ ୨୦୧୪ ମସିହା ଆଇନ୍‌ରେ ଥିବା ବ୍ୟବସ୍ଥାକୁ ଅଧ୍ୟାଦେଶରେ କୋହଳ କରି ଦିଆଯାଇଛି। ଯାହାଫଳରେ କ୍ଷତିଗ୍ରସ୍ତମାନେ ପୂର୍ବ ଭଳି ଉପଯୁକ୍ତ କ୍ଷତିପୁରଣ ପାଇବାରୁ ବଞ୍ଚିତ ହେବେ। ପୁନଶ୍ଚ ଯେକୌଣସି ଉଚ୍ଛେଦ ପୂର୍ବରୁ ସମ୍ପୃକ୍ତ ଅଞ୍ଚଳରେ ଉଚ୍ଛେଦ ଜନିତ ସାମାଜିକ ପ୍ରଭାବର ଆକଳନ (Social Impact Assesement) ୨୦୧୩ ମସିହା ଆଇନ୍‌ରେ ବାଧ୍ୟତାମୂଳକ କରାଯାଇଥିଲା। ଏହି ଆକଳନ ପରେ ହିଁ କୌଣସି ଅଧିଗ୍ରହଣର ଯୌକ୍ତିକତା ନିର୍ଦ୍ଧାରଣ ହେବ ବୋଲି ମଧ୍ୟ ଏହି ଆଇନ୍‌ରେ ବ୍ୟବସ୍ଥା ଥିଲା। ମାତ୍ର ବି.ଜେ.ପି ସରକାର ଜାରୀ କରିଥିବା ଅଧାଦେଶରେ ଏହି ବ୍ୟବସ୍ଥାଟିକୁ ହିଁ କାର୍ଯ୍ୟତଃ ଉଚ୍ଛେଦ କରିଦିଆଯାଇଛି।

କହିବା ବାହୁଲ୍ୟ, ଶିଳ୍ପ ପ୍ରତିଷ୍ଠା ଆଳରେ ସରକାରୀ କଳକୁ କାମରେ ଲଗାଇ ଚାଷୀମାନଙ୍କ ଠାରୁ ଶାଗମାଛ ଦରରେ ଜମି ଅକ୍ତିଆର କରି ଏସବୁ ସ୍ଥାନରେ ଘରବାଡି ବ୍ୟବସାୟ କରିବା ହେଉଛି ଅଳସ ପୁଞ୍ଜିର ମାଲିକ ଦେଶୀ ବିଦେଶୀ ଏକଚାଟିଆ ପୁଞ୍ଜିପତିମାନଙ୍କର ଅସଲ ଉଦ୍ଦେଶ୍ୟ। ଏହି ବିପୁଳ ପରିମାଣର ଅଳସ ପୁଞ୍ଜିକୁ ଖଟିବାର ସୁଯୋଗ ଦେବା ପାଇଁ ହିଁ ଦେଶରେ ୧୦୦ଟି ସ୍ମାର୍ଟ୍ ସିଟି ପ୍ରତିଷ୍ଠା କରିବା ପାଇଁ ଚଳିତ ବର୍ଷ ବଜେଟ୍‌ରେ ମୋଦୀ ସରକାର ଘୋଷଣା କରିଛି। ସରକାର ଆହୁରି ମଧ୍ୟ ଘୋଷଣା କରିଛି ଯେ ଏହିସବୁ ସ୍ମାର୍ଟ୍ ସିଟି ପିପିପି ବା ସରକାର ଓ ଘରୋଇ ମାଲିକମାନଙ୍କ ସହଭାଗୀତାରେ ପ୍ରତିଷ୍ଠା ହେବ। ଅର୍ଥାତ୍ ଏହିସବୁ ସହର ପ୍ରତିଷ୍ଠା ପାଇଁ ପୋଲିସ ମିଲିଟାରୀ ଲଗାଇ, ମାମୁଲି କ୍ଷତି ପୁରଣ ଦେଇ ସରକାର ଚାଷୀମାନଙ୍କ ହାତରୁ ଜମି ଛଡାଇ ଆଣିବେ ଏବଂ ଏହି ଜମି ଉପରେ କୋଠାବାଡି ନିର୍ମାଣ କରି ସେସବୁକୁ ବିକ୍ରିକରି ପୁଞ୍ଜିପତିମାନେ ମୁନାଫା ଲୁଟ୍ କରିବେ। ଏହି ପଥକୁ ସୁଗମ କରିବା ପାଇଁ ହିଁ ମୋଦୀ ସରକାର ୨୦୧୪ ମସିହାରେ ପ୍ରଣୀତ ଜମି ଅଧିଗ୍ରହଣ ଆଇନ୍‌କୁ ଅଧ୍ୟାଦେଶ ବଳରେ ପରିବର୍ତ୍ତନ କରିଛନ୍ତି। ଏଥିରୁ ହିଁ ସ୍ପଷ୍ଟ ହେଉଛି ମୋଦୀ ସରକାରର ବହୁ ପ୍ରଚାରିତ 'ଆଚ୍ଛେଦିନ' ବାସ୍ତବରେ କାହା ପାଇଁ ?

# ମହା ଚିଟ୍‌ଫଣ୍ଡ ଦୁର୍ନୀତି ବି.ଜେ.ଡି ସରକାରର ମୁଖା ଖୋଲି ଦେଇଛି

ଆମ ରାଜ୍ୟରେ ଘଟିଥିବା ହଜାର ହଜାର କୋଟି ଟଙ୍କାର ଚିଟ୍‌ଫଣ୍ଡ ଦୁର୍ନୀତିର ସି.ବି.ଆଇ ତଦନ୍ତ ଆରମ୍ଭ ହେବା ପରେ ରାଜ୍ୟ ରାଜନୀତିରେ ଭୂମିକମ୍ପ ସୃଷ୍ଟି ହୋଇଛି। ସି.ବି.ଆଇ ଇତିମଧ୍ୟରେ ଶାସକ ବି.ଜେ.ଡି ଦଳର ସାଂସଦ ଓ ବିଧାୟକଙ୍କ ସମେତ୍ ବିରୋଧୀ ବି.ଜେ.ପି ଦଳର ଜନୈକ ପୂର୍ବତନ ବିଧାୟକଙ୍କୁ ଏବଂ ଜଣେ ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲଙ୍କୁ ମଧ୍ୟ ଗିରଫ କରି ସାରିଛି। ଏହାବ୍ୟତୀତ ସି.ବି.ଆଇ ଦ୍ୱାରା ଇତିମଧ୍ୟରେ ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅଛନ୍ତି ଏକଦା ରାଜ୍ୟରେ କ୍ଷମତା ଅଳିନ୍ଦରେ ଅମାପ କ୍ଷମତାର ଅଧିକାରୀଭାବରେ ସୁପରିଚିତ ବହୁ ଚିଟ୍ ଫଣ୍ଡ ସଂସ୍ଥାର ମାଲିକ, ସେମାନଙ୍କର ଚେଲା ଚାମୁଣ୍ଡା, ବଲିଉଡ୍‌ର ବହୁ ନାମୀଦାମୀ ଅଭିନେତ୍ରୀ, ବ୍ୟବସାୟୀ ଓ ଜମି ଦଲାଲ୍। ସି.ବି.ଆଇ ଇତିମଧ୍ୟରେ ଚିଟ୍ ଫଣ୍ଡସଂସ୍ଥାଗୁଡ଼ିକ ସହିତ ସମ୍ପୃକ୍ତ ବହୁ ବିଧାୟକ, ସାଂସଦ, ସରକାରୀ ଅଧିକାରୀ, ତଥାକଥିତ ସ୍ୱେଚ୍ଛାସେବୀ ଓ ସ୍ୱଘୋଷିତ ସାମାଜିକ କର୍ମୀମାନଙ୍କୁ ମଧ୍ୟ ଜେରା କରି ସାରିଲାଣି। ରାଜ୍ୟର ଲକ୍ଷାଧିକ ଲୋକଙ୍କର ହଜାର ହଜାର କୋଟି ଟଙ୍କା ଏହି ଦୁର୍ନୀତିରେ ଆତ୍ମସାତ୍ କରାଯାଇଥିବାରୁ ମଧ୍ୟ ବିଷୟଟି ଅତ୍ୟନ୍ତ ଜଟିଳ ଆକାର ଧାରଣ କରିଛି। ତେବେ ଏ ସମ୍ପର୍କରେ ଅଧିକ ଆଲୋଚନା କରିବା ପୂର୍ବରୁ ଲକ୍ଷ ଲକ୍ଷ ଲୋକଙ୍କୁ ଅନାୟାସରେ ଭୁଆଁ ବୁଲାଇ ପାରୁଥିବା ଚିଟ୍ ଫଣ୍ଡ ସଂସ୍ଥାଗୁଡ଼ିକର ପରିଚାଳନା ପଦ୍ଧତି ସମ୍ପର୍କରେ ସାମାନ୍ୟ ଆଲୋଚନା ଅତ୍ୟନ୍ତ ପ୍ରାସଙ୍ଗିକ।

## ଚିଟ୍‌ଫଣ୍ଡ କାରବାରର ଗୁମରକଥା

ବର୍ତ୍ତମାନ ଦେଖାଯାଉ ବାସ୍ତବରେ ରାଜ୍ୟରେ ଲକ୍ଷ ଲକ୍ଷ ଲୋକଙ୍କୁ ସର୍ବସ୍ୱାନ୍ତ କରିଥିବା ଏହି ଚିଟ୍‌ଫଣ୍ଡ ବ୍ୟବସାୟ କିଭଳି ଚାଲେ। ଏହି ବ୍ୟବସ୍ଥାଟି ନିମ୍ନ ଧରଣର। ପ୍ରଥମେ ଏକାଧିକ ବ୍ୟକ୍ତି ନିଜ ନିଜ ମଧ୍ୟରେ ଏକ ସର୍ବସମ୍ମତ ଚୁକ୍ତି ଭିତ୍ତିରେ ଗୋଟିଏ ସଂସ୍ଥା ଗଠନ କରନ୍ତି। ଏହି ସଂସ୍ଥାରେ ସାମିଲ ହୋଇଥିବା ବ୍ୟକ୍ତିମାନେ ସ୍ୱୀକାର କରିଥିବା ପରିମାଣର ଟଙ୍କା ସ୍ୱୀକୃତ ସମୟ ଅବଧି ମଧ୍ୟରେ ଗଠିତ ସଂସ୍ଥା ନିକଟରେ ଜମା ଦିଅନ୍ତି। ଏହି ବ୍ୟବସ୍ଥା ଚୁକ୍ତି ଅନୁଯାୟୀ ୨/୪ ବା ସେହିଭଳି କିଛି ବର୍ଷ ପାଇଁ ଚାଲେ। ପୁଣି ଚୁକ୍ତିର ଅବଧି ଶେଷ ହୋଇଗଲେ ଏହିଭଳିଭାବରେ ଗଠିତ ସଂସ୍ଥାଟି ଏହାର ଚୁକ୍ତିବଦ୍ଧ ଜମାକାରୀମାନଙ୍କୁ ଚୁକ୍ତି ମୁତାବକ ଲାଭାଂଶ ସହିତ ମୂଳଧନକୁ ଫେରାଇ ଦିଏ। ବିଭିନ୍ନ ସ୍କୁଲ, କଲେଜ ଓ ସରକାରୀ କାର୍ଯ୍ୟାଳୟର କର୍ମଚାରୀମାନେ ନିଜ ନିଜ ମଧ୍ୟରେ ଅଲିଖିତ ବୁଝାମଣା ଭିତ୍ତିରେ ଏହି ଧରଣର ସଂସ୍ଥାମାନ ଗଠନ କରିଥିବା କଥା ଦେଖିବାକୁ ମିଳେ। ମାସିକ ଦରମା ପାଇବା ପରେ ସମ୍ପୃକ୍ତ କର୍ମଚାରୀମାନେ ଏକ ନିର୍ଦ୍ଦିଷ୍ଟ ପରିମାଣର ଫଣ୍ଡରେ ଜମା କରନ୍ତି। ଏହିଭଳିଭାବରେ ସଂସ୍ଥା ନିକଟରେ କିଛି ପୁଞ୍ଜି ଗଚ୍ଛିତ ହୁଏ। ପୁଣି ଆବଶ୍ୟକତା ସମୟରେ ସଂସ୍ଥାର ଅଂଶୀଦାରମାନେ ସଂସ୍ଥାରୁ ଏକ ନିର୍ଦ୍ଦିଷ୍ଟ ସୁଧରେ ଟଙ୍କା ଋଣ ନେଇ ପାରନ୍ତି। ଏକ ନିର୍ଦ୍ଦିଷ୍ଟ ସମୟ ଯଥା ୨ ବର୍ଷ ବା ୪ ବର୍ଷ ବା ୫ ବର୍ଷରେ ସଂସ୍ଥା ନିକଟରେ ଗଚ୍ଛିତ ଅର୍ଥକୁ ଅଂଶୀଦାରମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ ଓ ସଂସ୍ଥା ବନ୍ଦ କରିଦିଆଯାଏ। ତେବେ ଅଂଶୀଦାରମାନେ ଚାହିଁଲେ ନୂଆ terms ଏବଂ condition ରେ ନୂଆ ସଂସ୍ଥା ଗଠନ କରିପାରନ୍ତି। ଏହା ହେଉଛି ଚିଟ୍‌ଫଣ୍ଡର ସରଳତମ ରୂପ। ଏହି ଧରଣର ସଂସ୍ଥା ପ୍ରାୟ ଘରୋଇଭାବରେ ଚାଲେ ଏବଂ କେଉଁଠି ହେଲେ ପୁଞ୍ଜିକୃତ ହୋଇ ନଥାଏ।

ଆମ ଦେଶର ନିୟମ ଅନୁଯାୟୀ ଏହିସବୁ ସଂସ୍ଥାଗୁଡ଼ିକୁ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (Non banking Financial Company) ଭାବରେ ଚିହ୍ନିତ କରାଯାଏ। ରିଜର୍ଭ ବ୍ୟାଙ୍କର ନିୟମ ଅନୁଯାୟୀ ଭାରତୀୟ ରିଜର୍ଭ ବ୍ୟାଙ୍କରେ ପୁଞ୍ଜିକୃତ ହୋଇଥିବା ଏହି ଧରଣର ସଂସ୍ଥାଗୁଡ଼ିକ ଉପର ବର୍ଣ୍ଣିତ ଉପାୟରେ କେବଳ ନିଜର ଚୁକ୍ତିବଦ୍ଧ ଅଂଶୀଦାରମାନଙ୍କ ଠାରୁ ଟଙ୍କା ଆଦାୟ କରି ପାରିବ। ଏହି ସଂସ୍ଥାଗୁଡ଼ିକ ଅଣ ଅଂଶୀଦାର କୌଣସି ବ୍ୟକ୍ତି ଠାରୁ କୌଣସି ଅର୍ଥ ଆଦାୟ କରିବା ସମ୍ପୂର୍ଣ୍ଣ ବେଆଇନ। ମାତ୍ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃପାରୁ ଆଇନକୁ ବୃଦ୍ଧାଙ୍ଗୁଷ୍ଠ ପ୍ରଦର୍ଶନ କରି ଏହିସବୁ ଚିଟ୍‌ଫଣ୍ଡ କମ୍ପାନୀମାନେ କାଗଜପତ୍ର ଜାଲ କରି ସମସ୍ତ ସାଧାରଣ ଜମାକାରୀମାନଙ୍କୁ କମ୍ପାନୀର ଅଂଶୀଦାର ବୋଲି ଦର୍ଶାଇ ସେମାନଙ୍କର ଲୁଟ୍‌ର ସାମ୍ରାଜ୍ୟ ପ୍ରତିଷ୍ଠା କରିଛନ୍ତି। ଏପରିକି ୫୦ରୁ ଅଧିକ ଲୋକଙ୍କଠାରୁ ଟଙ୍କା ଉଠାଇବାକୁ ଚାହୁଁଥିବା କମ୍ପାନୀକୁ ଏଥିପାଇଁ ସେବି (Securities and Exchange Board)ର ଅନୁମତି ବାଧ୍ୟତାମୂଳକ ବୋଲି ରହିଥିବା ଆଇନ୍‌କୁ ମଧ୍ୟ ଏହି କମ୍ପାନୀମାନେ ଖାତିର କରି ନାହାନ୍ତି। ଚିଟ୍‌ଫଣ୍ଡ ସଂସ୍ଥାଗୁଡ଼ିକ କେବଳ 'କମ୍ପାନୀ ରେଜିଷ୍ଟ୍ରେସନ୍ ଆଇନ୍' କିମ୍ବା ଓଡିଶାରେ 'ସ୍ୱୟଂସହାୟକ ସମବାୟ ଆଇନ୍' ଅନୁଯାୟୀ ପୁଞ୍ଜିକୃତ ହୋଇ ସମ୍ପୂର୍ଣ୍ଣ ବେଆଇନ୍‌ଭାବରେ ସାଧାରଣ ଲୋକଙ୍କଠାରୁ ଟଙ୍କା ସଂଗ୍ରହ କରୁଛନ୍ତି। ଏହି ଧରଣର ଚିଟ୍‌ଫଣ୍ଡ ସଂସ୍ଥାଗୁଡ଼ିକ କୌଣସି ଆଇନଗତ ପ୍ରକ୍ରିୟାରେ ପରିଚାଳିତ ହୁଏ ନାହିଁ।

ବର୍ତ୍ତମାନ ଦେଖାଯାଉ ଥରେ ରେଜିଷ୍ଟ୍ରିଭୁକ୍ତ ହୋଇ ଗଲା ପରେ ସମ୍ପୃକ୍ତ ସଂସ୍ଥାଗୁଡ଼ିକ କଣ କରନ୍ତି। ଏମାନଙ୍କର ମୁଖ୍ୟ କାମ ହେଲା- ଖୁବ୍ କମ୍ ସମୟ ମଧ୍ୟରେ ଜମାକାରୀମାନଙ୍କୁ ସେମାନଙ୍କ ଜମା ଉପରେ ଚଢା ହାରରେ ସୁଧ ଦେବା, ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମୂଳ ସହିତ ସୁଧ ଫେରାଇ ଦେବା ଓ ଜମାକାରୀମାନଙ୍କୁ ଅତ୍ୟନ୍ତ କମ୍ ସୁଧ ହାରରେ ମଟରଗାଡି, ଅନ୍ୟାନ୍ୟ ସୌଖୀନ ଘରୋଇ ସାମଗ୍ରୀ ଏପରିକି ଘରବାଡି କିଣିବା ପାଇଁ ଋଣ ଦେବା ପାଇଁ ପ୍ରତିଶ୍ରୁତି ଦେଇ ସାଧାରଣ ଲୋକଙ୍କର ଆସ୍ଥାଭାଜନ ହେବା। ଏହି ଆସ୍ଥାଭାଜନ ହେବା କାମଟି ଆରମ୍ଭ ହୁଏ ଖବରକାଗଜରେ ବିଜ୍ଞାପନ ପ୍ରକାଶନରୁ। ସମ୍ବାଦପତ୍ର ଓ ଟିଭି ମାଧ୍ୟମରେ ବ୍ୟାପକ ପ୍ରଚାର ପରେ ଏହିସବୁ ସଂସ୍ଥାର ମାଲିକମାନେ ସାଧାରଣ ଜମାକାରୀଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ରାଜନେତା, ଅବସରପ୍ରାପ୍ତ ଓ ଚାକିରିରେ ଥିବା ତୁଙ୍ଗ ସରକାରୀ ଅଧିକାରୀ, ଚଳଚିତ୍ର ଅଭିନେତା ଓ ଅଭିନେତ୍ରୀ, ଶିଳ୍ପୀ, ସାହିତ୍ୟିକ, ସମାଜସେବୀ, କଳାକାର ପ୍ରଭୃତିଙ୍କୁ ଅତ୍ୟନ୍ତ ପରିକଳ୍ପିତ ଓ ଯୋଜନାବଦ୍ଧଭାବରେ ବ୍ୟବହାର କରିଥାନ୍ତି। ଆମ ରାଜ୍ୟରେ ସବୁଠାରୁ ଅଧିକ ଚର୍ଚ୍ଚିତ ଏ.ଟି ଗ୍ରୁପ୍ ଓ ସି.ସୋର ଗ୍ରୁପ ଭଳି ସଂସ୍ଥାଗୁଡ଼ିକ ଏହି କାମଟିକୁ ଅତ୍ୟନ୍ତ ନିପୁଣତାର ସହିତ କରି ସମଗ୍ର ରାଜ୍ୟର ଜନସାଧାରଣଙ୍କ ମଧ୍ୟରେ ଗଭୀର ଆସ୍ଥା ସୃଷ୍ଟି କରି ପାରିଥିଲେ। ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଭଳି ସାମ୍ବିଧାନିକ ପଦମର୍ଯ୍ୟାଦା ଉପଭୋଗ କରୁଥିବା ବିଶିଷ୍ଟ ବ୍ୟକ୍ତିମାନେ ଏହିସବୁ ଚିଟ୍‌ଫଣ୍ଡ ସଂସ୍ଥାର ମାଲିକମାନଙ୍କୁ ବିଭିନ୍ନ ସଭାସମିତିରେ ପୁରସ୍କୃତ ଓ ସମ୍ମାନିତ କରିବା ଓ ଏହିସବୁ ସଂସ୍ଥାର ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟଭାବରେ ଅଂଶଗ୍ରହଣ କରିବା ଯୋଗୁ କାର୍ଯ୍ୟତଃ ଏହିସବୁ ଠକ କମ୍ପାନୀମାନଙ୍କର କାର୍ଯ୍ୟକ୍ରମକୁ ସରକାରୀ ସ୍ୱୀକୃତି ମିଳିଥିଲା। ଏହା ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ଏହିସବୁ ଠକ ସଂସ୍ଥାର ବିଶ୍ୱସନୀୟତା ଯଥେଷ୍ଟ ବୃଦ୍ଧି ପାଇଥିଲା। ପୁଣି ଏହିସବୁ ସଂସ୍ଥାମାନେ ସେମାନଙ୍କର କଳାକାରବାର ଉପରେ ପରଦା ପକାଇ ସାଧାରଣ ଲୋକଙ୍କ ପାଖରେ ଗ୍ରହଣୀୟ ହେବା ପାଇଁ ସମାଜର ଲବ୍ଧ ପ୍ରତିଷ୍ଠିତ ଶିଳ୍ପୀ, ସାହିତ୍ୟିକ, ସାହିତ୍ୟ ସମାଲୋଚକ, ବୈଜ୍ଞାନିକ, ଗବେଷକ ଇତ୍ୟାଦିଙ୍କୁ ସାହିତ୍ୟ, ସଂସ୍କୃତି ଓ ବିଜ୍ଞାନର ପ୍ରସାର ଆଳରେ ସଂସ୍ଥା ସହିତ ଜଡିତ କରାନ୍ତି। ଆମ ରାଜ୍ୟରେ ଚିଟ୍‌ଫଣ୍ଡ ସଂସ୍ଥାମାନଙ୍କ ଉପରେ ସି.ବି.ଆଇ ତଦନ୍ତ ଆରମ୍ଭ ହେବା ପରେ ଏହି ସବୁ ସଂସ୍ଥାରୁ 'ସମ୍ମାନୀ' ଗ୍ରହଣ କରୁଥିବା ବହୁ ଅଣ୍ଡାଠକ ନିନ୍ଦିତ ହେବା ଲକ୍ଷ୍ୟ କରାଯାଇଛି। ସଂସ୍ଥାର ମାଲିକମାନଙ୍କ ସହିତ ଏହିସବୁ ବିଶିଷ୍ଟ ବ୍ୟକ୍ତିମାନଙ୍କର ସମ୍ପୃକ୍ତିର ପ୍ରମାଣ ସ୍ୱରୂପ ଉଠାଯାଇଥିବା ଫଟୋକୁ ପ୍ରଚାରପତ୍ରରେ ଛାପି ବଣ୍ଟନ କରାଯାଏ। ଏ ସବୁ ରାଜନେତା, ବିଭିନ୍ନ ସାମ୍ବିଧାନିକ ପଦପଦବୀରେ ଥିବା ବ୍ୟକ୍ତି ବିଶେଷ, ଶିଳ୍ପୀ, ସାମ୍ବାଦିକ, ସାହିତ୍ୟିକ ଇତ୍ୟାଦିଙ୍କର ଅଜ୍ଞାତସାରରେ ହେଉଛି ବୋଲି ଧରି ନିଆ ଗଲେ ମଧ୍ୟ ଏହା ଦ୍ୱାରା ସାଧାରଣ ଲୋକଙ୍କ ମଧ୍ୟରେ ଏହିସବୁ ଠକ ସଂସ୍ଥାମାନଙ୍କ ପ୍ରତି ବିଶ୍ୱାସ ସୃଷ୍ଟି ହୁଏ। ସୂଚନାଯୋଗ୍ୟ ଯେ କେବଳ ପରୋକ୍ଷ ସମ୍ପର୍କ ନୁହେଁ, ସିସୋର ଭଳି ସଂସ୍ଥା ଓଡିଶା ରାଜ୍ୟ ସରକାରଙ୍କର କେତେଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରି ହାସପାତାଳ, ପାନ୍ଥନିବାସ ଓ ଆମୋଦପ୍ରମୋଦ ସ୍ଥଳୀର ବିକାଶ ଘଟାଇବା ପାଇଁ ସୁଯୋଗ ପାଇଥିଲା। ସ୍ୱଭାବିକଭାବରେ ଏହିଭଳି ଏକ ସଂସ୍ଥାରେ ଟଙ୍କା ଜମା ରଖିବା କ୍ଷେତ୍ରରେ ଜନସାଧାରଣଙ୍କ ମଧ୍ୟରେ କୌଣସି ସନ୍ଦେହ ସୃଷ୍ଟି ହେବାର ପ୍ରଶ୍ନ ହିଁ ନଥିଲା।

ଏହିଭଳି ପରିସ୍ଥିତି ସୃଷ୍ଟି କରି ହିଁ ଠକ ଚିଟ୍‌ଫଣ୍ଡ କମ୍ପାନୀମାନେ ସେମାନଙ୍କର ଅସଲ କାମ ଆରମ୍ଭ କରନ୍ତି। ସାଧାରଣ ଲୋକଙ୍କଠାରୁ ବ୍ୟାପକ ଅର୍ଥ ସଂଗ୍ରହ କରାଯାଏ। ଖୁବ୍ ଅଳ୍ପ ସମୟରେ ଜମା ଟଙ୍କା ଦ୍ୱିଗୁଣିତ କରିବା ବା ଚଢା ଦରରେ ସୁଧ ଦେବା ଭଳି ଲୋଭନୀୟ ସ୍କିମ୍ ଚାଲୁ କରାଯାଏ। ସ୍ଥାନୀୟ ଲୋକଙ୍କୁ ଏଜେଣ୍ଟଭାବରେ ନିଯୁକ୍ତି ଦେଇ ଜମାରାଶି ସଂଗ୍ରହ କରୁଥିବା ଚିଟ୍‌ଫଣ୍ଡ କମ୍ପାନୀମାନେ ଆହୁରି ସହଜରେ ସାଧାରଣ ଲୋକଙ୍କର ଆସ୍ଥାଭାଜନ ହୁଅନ୍ତି। କମ୍ପାନୀମାନେ କେବଳ ଜମାକାରୀମାନଙ୍କୁ ଲୋଭନୀୟ ପ୍ରତିଶ୍ରୁତି ଦିଅନ୍ତି ନାହିଁ, ପ୍ରଚୁର ଆର୍ଥିକ ଲାଭ, ବିଦେଶ ଭ୍ରମଣ ପ୍ରଭୃତି ଲୋଭ ଦେଖାଇ ଗାଁ ଗହଳିର ବେକାର ଯୁବକ-ଯୁବତୀମାନଙ୍କୁ କମ୍ପାନୀର ଏଜେଣ୍ଟଭାବରେ ନିଯୁକ୍ତି ଦେଇ ଶୋଷଣ କରନ୍ତି। ପୁଣି ଅଧିକରୁ ଅଧିକ ଲୋକଙ୍କର ଆସ୍ଥାଭାଜନ ହେବା ପାଇଁ ଏସବୁ କମ୍ପାନୀ କିଛି ଦିନ ପାଇଁ ସାଧାରଣ ଜମାକାରୀମାନଙ୍କୁ ପ୍ରତିଶ୍ରୁତି ମୁତାବକ ଚଢା ହାରରେ ସୁଧ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଅନ୍ତି। ଏହା ଫଳରେ ଜନସାଧାରଣ ପ୍ରଲୁବ୍ଧ ହୁଅନ୍ତି ଓ ଚିଟ୍‌ଫଣ୍ଡ କମ୍ପାନୀଙ୍କ ଜାଲରେ ପଡନ୍ତି। ଏହିଭଳି କିଛି ଦିନ ଚାଲିବା ପରେ ହଠାତ୍ କମ୍ପାନୀମାନେ ସେମାନଙ୍କର କାର୍ଯ୍ୟାଳୟରେ ତାଲାମାରି ଉଭାନ ହୋଇ ଯାଆନ୍ତି। ଆଉ ଜନରୋଷର ଶୀକାର ହୁଅନ୍ତି କମ୍ପାନୀମାନଙ୍କ ଦ୍ୱାରା ଅଳ୍ପ ଦରମାରେ ନିଯୁକ୍ତ ହୋଇଥିବା କର୍ମଚାରୀ ବା ଏଜେଣ୍ଟମାନେ। ଜମାକାରୀଙ୍କ ତାଡନା ସହି ନପାରି ଏହିଭଳି ଶହ ଶହ ଏଜେଣ୍ଟ ଗାଁ ଗଣ୍ଡା ଛାଡି ସହରରେ ଲୁଚି ବୁଲୁଛନ୍ତି। ଆହୁରି ଅନେକ ଇତିମଧ୍ୟରେ ଆତ୍ମହତ୍ୟା କରିଛନ୍ତି। ଅନ୍ୟପଟରେ ଲୋକଙ୍କ ଅର୍ଥରେ ଚିଟ୍‌ଫଣ୍ଡ କମ୍ପାନୀମାନେ ପ୍ରଚୁର ଅର୍ଥର ମାଲିକ ହୋଇଛନ୍ତି। ଦେଶର ବିଭିନ୍ନ ବଡ ବଡ ସହରରେ କୋଠାବାଡି ଖରିଦ୍ କରିଛନ୍ତି, ଆଉ ଦାମିକିଆ ଗାଡି ଘୋଡା ବ୍ୟବହାର କରୁଛନ୍ତି। ଏହିଭଳି ଭାବରେ ଅର୍ଜିତ କଳା ଟଙ୍କାର ଏକାଂଶ ରାଜନେତା, ଅଫିସରମାନଙ୍କ ମଧ୍ୟରେ ବଣ୍ଟାଯାଏ ଏବଂ ଆଉ ଏକାଂଶ ଖର୍ଚ୍ଚ କରି ଏମାନେ ସାହିତ୍ୟ, ସଂସ୍କୃତିର ପୃଷ୍ଠପୋଷକ ସାଜନ୍ତି। ମାଗଣା ସ୍ୱାସ୍ଥ୍ୟସେବା ଶିବିର କରନ୍ତି, ଗ୍ରହଣ ଖଣ୍ଡିଆ ଅପରେସନ୍ କରନ୍ତି ବା ମେଧାବୀ ଛାତ୍ରଙ୍କୁ ବୃତ୍ତି ଦିଅନ୍ତି। ଏମାନଙ୍କ ମଧ୍ୟରୁ ସାମାନ୍ୟ କେତେ ଜଣ ସେମାନଙ୍କର ରାଜନୈତିକ ଓ ଅମଲାତାନ୍ତ୍ରିକ ପୃଷ୍ଠପୋଷକମାନଙ୍କ ସହିତ ସି.ବି.ଆଇ ଜାଲରେ ପଡିଛନ୍ତି। ତେବେ ଏହିଭଳି ଶହ ଶହ ଠକ ସଂସ୍ଥାର ମାଲିକ ଆଜି ବି ଛାତି ଫୁଲେଇ ବୁଲୁଛନ୍ତି ଓ ସେମାନଙ୍କର ଦ୍ୱାରା ସର୍ବସ୍ୱାନ୍ତ ହୋଇଥିବା ଜମାକାରୀମାନେ ବାରଦ୍ୱାର ବୁଲୁଛନ୍ତି।

## ଏହିଭଳି ପରିସ୍ଥିତି କାହିଁକି ସୃଷ୍ଟି ହେଲା

ଆମ ରାଜ୍ୟରେ ସି.ସୋର, ଏଟି, ଫ୍ରୋରିସ୍ ଇଣ୍ଡିଆ, ସାଇପ୍ରଗତି, ଯୋଗତତ୍ୱ, ଶାରଦା, ରୋଜଭ୍ୟାଲି, ଆସ୍ଥା ଇଣ୍ଟର ନ୍ୟାସନାଲ ଇତ୍ୟାଦି ପାଖାପାଖି ୫୦ଟି ଚିଟ୍‌ଫଣ୍ଡ ସଂସ୍ଥା ରାଜ୍ୟ ତଥା ରାଜ୍ୟ ବାହାରର ଲକ୍ଷ ଲକ୍ଷ ଲୋକଙ୍କଠାରୁ ହଜାର ହଜାର କୋଟି ଟଙ୍କା ଠକି ନେଇଛନ୍ତି। ଏହି କ୍ଷତିଗ୍ରସ୍ତ ଜମାକାରୀଙ୍କ ମଧ୍ୟରୁ ସାମାନ୍ୟ କେତେ ଜଣ ଉଚ୍ଚମଧ୍ୟବିତ୍ତ ଓ ମଧ୍ୟବିତ୍ତ ଲୋକ ଥିଲା ବେଳେ ଅଧିକାଂଶ ହେଉଛନ୍ତି ଦରିଦ୍ର ଓ ନିମ୍ନମଧ୍ୟବିତ୍ତ ଲୋକ। ସେମାନଙ୍କର ଜମା ପୁଞ୍ଜି ବୁଡିଯିବାରୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ସର୍ବସ୍ୱାନ୍ତ ହୋଇଛନ୍ତି। ତେବେ ସରକାର ଓ ସରକାରୀକଳ ଏହି ଦୁରାବସ୍ଥା ପାଇଁ ଜମାକାରୀମାନେ ହିଁ ଦାୟୀ ବୋଲି ପ୍ରଚାର କରି ନିଜର ଦୋଷ ଲୁଚାଇବାକୁ ଉଦ୍ୟମ କରୁଛି। ସାଧାରଣ ଲୋକ ଅତ୍ୟଧିକ ଲୋଭ ପାଇଁ ଏହି ପରିସ୍ଥିତିରେ ପଡିଛନ୍ତି ବୋଲି କେତେକ ମହଲରୁ ମତ ଦିଆ ହେଉଛି।

ମାତ୍ର ପ୍ରଶ୍ନ ଉଠୁଛି ଏହି ଧରଣର ବିପୁଳ ଓ ବ୍ୟାପକ ଆର୍ଥିକ ଠକେଇ ପାଇଁ କଣ କେବଳ ଗ୍ରାମାଞ୍ଚଳର ବିଚରା ଅପାଠୁଆ ଦରିଦ୍ର ଜମାକାରୀଟି ଦାୟୀ? ସୂଚନାଯୋଗ୍ୟ ଯେ, ଚିଟ୍‌ଫଣ୍ଡ କାରବାର ୧୮୮୨ ମସିହାରେ ଇଟାଲୀ ଜନ୍ମିତ ଚାର୍ଲସ୍ ପୋଞ୍ଜି ନାମକ ଜଣେ ବ୍ୟକ୍ତି ଆରମ୍ଭ କରିଥିଲେ। ସେଥିପାଇଁ ଏହି ଧରଣର ଜାଲିଆତିକୁ ପୋଞ୍ଜି ଠକେଇ ବା ପୋଞ୍ଜି ସ୍କାମ୍ ନାମରେ ଅବିହିତ କରାଯାଏ। ୧୯୭୦ ଦଶକ ବେଳକୁ ଭାରତରେ ଏହି ଧରଣର କାରବାର ବ୍ୟାପକ ଆକାରରେ ଚାଲିଥିଲା। ମାତ୍ର ବ୍ୟାଙ୍କ ଓ ବୀମା କ୍ଷେତ୍ରର ସରକାରୀକରଣ ପରେ ଏହି ବ୍ୟବସାୟରେ ଭଟ୍ଟା ପଡିଥିଲା। ତା ସତ୍ତ୍ୱେ ମଧ୍ୟ ଆଇନ୍‌ର ଫାଙ୍କ ଓ ଶାସନକଳର ଗଳାବାଟ ଦେଇ ଏହି କାରବାର ଚାଲିଥିଲା। ସାଧାରଣ ଜମାକାରୀଙ୍କୁ ଠକେଇରୁ ରକ୍ଷା କରିବା ପାଇଁ ୧୯୭୮ ମସିହାରେ ଏହି ଧରଣର କାରବାର ଉପରେ କଟକଣା ଜାରୀ କରାଯାଇଥିଲା। ମାତ୍ର ବିଗତ ଶତାବ୍ଦୀର ୯୦ ଦଶକରେ ଦେଶରେ ଆରମ୍ଭ କରାଯାଇଥିବା ଅର୍ଥନୀତିର ଜଗତିକରଣ ଏହିଧରଣର କାରବାର ପାଇଁ ସୁବର୍ଣ୍ଣ ସୁଯୋଗ ଆଣି ଦେଇଥିଲା।

ଜଗତିକରଣ ପ୍ରକ୍ରିୟା ଆରମ୍ଭ ହେଲା ପରେ ପୁଞ୍ଜିବଜାରରେ ଚୂଡାନ୍ତ ଅନିଶ୍ଚିୟତା ତଥା ବ୍ୟାଙ୍କ ଓ ଡାକଘରମାନଙ୍କରେ ସଞ୍ଚୟ ଉପରେ ସୁଧ ହାର ହ୍ରାସର ସୁଯୋଗରେ ହିଁ ଚିଟ୍‌ଫଣ୍ଡ କମ୍ପାନୀମାନେ ଆଜି କାୟା ବିସ୍ତାର କରିଛନ୍ତି। ପୂର୍ବରୁ ଦେଶର କ୍ଷୁଦ୍ର ସଞ୍ଚୟକାରୀଙ୍କୁ ସଞ୍ଚୟ ପାଇଁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସରକାରଙ୍କର ଅନେକଗୁଡ଼ିଏ ସ୍କିମ୍ କାମ କରିଥିଲେ। କିଶନ୍ ବିକାଶ ବା ଏନ୍.ଏ.ସି ପତ୍ର ଭଳି ବ୍ୟବସ୍ଥାରେ ଗାଁ ଲୋକେ ନିଜର ଡାକଘରେ ଟଙ୍କା ସଞ୍ଚୟ କଲେ ଏହି ଟଙ୍କା ୫ ବର୍ଷରେ ଦୁଇଗୁଣିତ ହେଉଥିଲା। ଡାକଘରେ ୫୦ ଟଙ୍କିଆ କିଶାନ ବିକାଶ ପତ୍ର ଭଳି ସଞ୍ଚୟ ସାର୍ଟିଫିକେଟ୍ ମଧ୍ୟ ଉପଲବ୍ଧ ଥିଲା। ସଞ୍ଚୟ କରିବାକୁ ଚାହୁଁଥିବା ଦରିଦ୍ର ଗ୍ରାମୀଣ ମହିଳାଟି ଘରଖର୍ଚ୍ଚରୁ ୫୦ ଟଙ୍କା ବଳକା ରଖି ସଞ୍ଚୟ ସାର୍ଟିଫିକେଟ୍‌ଟିଏ କିଣି ପାରୁଥିଲା। ଘରର ଅନ୍ୟାନ୍ୟ ଆବଶ୍ୟକତା ସମୟରେ ଏହି ସଞ୍ଚୟ ସାର୍ଟିଫେକେଟ୍‌କୁ ବ୍ୟାଙ୍କରେ ବନ୍ଧା ଦେଇ ଋଣ ମଧ୍ୟ ସଂଗ୍ରହ କରାଯାଇ ପାରୁଥିଲା। ମାତ୍ର ଦେଶରେ ଜଗତିକରଣ ବ୍ୟବସ୍ଥା ଲାଗୁ ହେବା ପରେ ଏହିସବୁ ସ୍କିମ୍‌କୁ ଦୁର୍ବଳ କରାଗଲା ଓ ଉଠାଇ ଦିଆଗଲା। ପୁଣି ଅବସର ସମୟରେ ଏକକାଳୀନ ମିଳୁଥିବା ଟଙ୍କାକୁ ବ୍ୟାଙ୍କରେ ଜମାରଖି ତାର ସୁଧରେ ଚଳୁଥିବା ଲୋକମାନେ ମଧ୍ୟ ଜଗତିକରଣ ଫଳରେ ବ୍ୟାଙ୍କ ସୁଧ ବ୍ୟାପକ ହ୍ରାସ ହେବାରୁ ଅତ୍ୟନ୍ତ କଠିଣ ପରିସ୍ଥିତିର ସମ୍ମୁଖୀନ ହେଉଥିଲେ। ଏହି ପରିସ୍ଥିତିରେ ହିଁ ସାଧାରଣ ଲୋକ ବାଧ୍ୟ ବାଧ୍ୟକତା ଯୋଗୁ ଏହିସବୁ କମ୍ପାନୀମାନଙ୍କ ଜାଲରେ ପଡି ସର୍ବସ୍ୱାନ୍ତ ହୋଇଛନ୍ତି। ଆହୁରି ମଧ୍ୟ ସମ୍ପୂର୍ଣ୍ଣ ବେଆଇନ୍‌ଭାବରେ ଏହି ଠକେଇ ଦଶଂଧି ଦଶଂଧି ଧରି ସାରା ଦେଶରେ ଖୋଲା ଖୋଲି ଚାଲିଛି ଓ ଏହିସବୁ କମ୍ପାନୀମାନେ ଖବର କାଗଜ ଓ ଟିଭିରେ ଏବାବଦରେ ଲୋଭନୀୟ ବିଜ୍ଞାପନମାନ ଜାରୀ କରୁଛନ୍ତି। ମାତ୍ର ଏସବୁ ବେଆଇନ୍ କାମକୁ ରୋକିବା ପାଇଁ ଆଇନ୍‌ଗତ ପଦକ୍ଷେପ ଗ୍ରହଣ ନକରି ଠକମାନଙ୍କୁ ପୃଷ୍ଠପୋଷକତା ଦେଉଥିବା ସରକାର ଆଜିର ଅବସ୍ଥା ପାଇଁ ସମ୍ପୂର୍ଣ୍ଣ ଦାୟୀ। ସୁତରାଂ ଲୋକଙ୍କର ଲୋଭ ପାଇଁ ବା ସୁବିଧାବାଦ ପାଇଁ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇ ନାହିଁ। ଏଥିପାଇଁ ସରକାରୀ ଆଇନ୍ ଦାୟୀ, ଏହା ସହିତ ପୁଣି ରହିଛି ଠକ କମ୍ପାନୀମାନଙ୍କ ସହିତ ରାଜନେତା, ଅଫିସର, ସାମ୍ବାଦିକ, ଓକିଲ, ଡାକ୍ତର ଇତ୍ୟାଦି 'ବିଶିଷ୍ଟ'ଭାବରେ ପରିଚିତ ଗୋଷ୍ଠିର ଅସାଧୁ ମେଣ୍ଟ। ସୁତରାଂ, ନିଜ ଦୋଷ ଘୋଡାଇ ସର୍ବସ୍ୱାନ୍ତ ଜମାକାରୀଙ୍କ ମୁଣ୍ଡରେ ଅଠା ବୋଳିବା ଉଦ୍ୟମ ଅତ୍ୟନ୍ତ ନୀତିହୀନ ଓ ନିନ୍ଦନୀୟ।

ଏହି ପରିସ୍ଥିତିରେ କେବଳ ତଦନ୍ତ କରି ଅପରାଧି ଚିଟ୍‌ଫଣ୍ଡ କମ୍ପାନୀମାନଙ୍କୁ ଦଣ୍ଡିତ କରିବା ଯଥେଷ୍ଟ ନୁହେଁ। ସେମାନଙ୍କର ସମ୍ପତ୍ତି ବାଜ୍ୟାପ୍ତ କରି ସେହି ଅର୍ଥରେ କ୍ଷତିଗ୍ରସ୍ତ ଓ ସର୍ବସ୍ୱାନ୍ତ ଜମାକାରୀମାନଙ୍କୁ ସେମାନଙ୍କର ଜମାରାଶି ବ୍ୟାଙ୍କ ସୁଧ ହାରରେ ମୂଳ ସହିତ ଫେରାଇବା ଓ ଏହି ଧରଣର ଠକ କାର୍ଯ୍ୟକଳାପକୁ ଭବିଷ୍ୟତରେ ନହେବା ପାଇଁ କଠୋର ଆଇନଗତ ପଦକ୍ଷେପ ହିଁ ସମୟର ଆହ୍ୱାନ।

## ପ୍ୟାଲେଷ୍ଟାଇନ୍‌କୁ.....

୧ମ ପୃଷ୍ଠାର ଅବଶିଷ୍ଟାଂଶ

ଭାରତ ସରକାର ମାର୍କିନ୍ ଯୁକ୍ତରାଷ୍ଟ୍ରର ଘନିଷ୍ଠ ସହଯୋଗୀ ଇସ୍ରାଏଲ୍ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଓ ମିଲିଟାରୀ ଚୁକ୍ତି ସ୍ୱାକ୍ଷର କରିବା ଦିଗରେ ଆଗ୍ରହ ପ୍ରଦର୍ଶନ କରୁଛି। ଏହି ଇସ୍ରାଏଲ ପ୍ୟାଲେଷ୍ଟାଇନ୍‌ର ଜନସାଧାରଣଙ୍କ ଅଧିକାରକୁ ନୃଶଂସଭାବରେ ପଦଦଳିତ କରୁଛି ଓ ଅଗଣିତ ପ୍ୟାଲେଷ୍ଟାଇନ୍‌ବାସୀଙ୍କ ହତ୍ୟାରେ ଅପରାଧୀ। ପ୍ୟାଲେଷ୍ଟାଇନ୍‌କୁ ସମର୍ଥନ କରିବାର ପୂର୍ବ ଅନୁସୃତନୀତି ପରିବର୍ତ୍ତନର ସିଦ୍ଧାନ୍ତ ମଧ୍ୟ ଦେଇ ବାସ୍ତବରେ ଭାରତ ସରକାରର ସାମ୍ରାଜ୍ୟବାଦ ସହିତ ଲସରପସର ହେବା ନୀତି ହିଁ ପ୍ରତିଫଳିତ ହେଉଛି। ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଏହି ସିଦ୍ଧାନ୍ତର ତୀବ୍ର ପ୍ରତିବାଦ କରୁଛି। ଏହି ସିଦ୍ଧାନ୍ତ ଦେଶର ଜନସାଧାରଣଙ୍କ ଇଚ୍ଛାର ବିରୋଧୀ। ପ୍ୟାଲେଷ୍ଟାଇନ୍‌ର ଯଥାର୍ଥ ଦାବିପ୍ରତି ସମର୍ଥନ ପ୍ରତ୍ୟାହାରର ଏହି ସାମ୍ରାଜ୍ୟବାଦ ତୋଷଣନୀତି ପରିତ୍ୟାଗ କରିବା ପାଇଁ ସରକାରକୁ ବାଧ୍ୟ କରିବା ପାଇଁ ଦେଶର ଜନସାଧାରଣଙ୍କୁ ଆମେ ଆହ୍ୱାନ କରୁଛୁ।

---

## ନାଉଗାଁରେ ମହିଳା ସମ୍ମିଳନୀ

ନାରୀ ନିର୍ଯ୍ୟାତନା, ଅଶ୍ଳୀଳତା, ମଦ ଓ ମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ବିରୁଦ୍ଧରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ନେତୃତ୍ୱରେ ୧ମ ନାଉଗାଁ ଆଞ୍ଚଳିକ ମହିଳା ସମ୍ମିଳନୀ ଜାନୁଆରୀ ୧୧ ତାରିଖ ଦିନ ଅଲଣାହାଟ ହାଇସ୍କୁଲ ପ୍ରାଙ୍ଗଣରେ କମ୍ରେଡ୍ କୁନ୍‌ମୁନ୍ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂଗଠନର ସ୍ଥାନୀୟ ସଂଗଠକ କମ୍ରେଡ୍ ପ୍ରମୋଦିନୀ ମିଶ୍ର ମୁଖ୍ୟବକ୍ତା ଓ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ନାଉଗାଁ ଆଞ୍ଚଳିକ କମିଟିର ସମ୍ପାଦକ କମ୍ରେଡ୍ ସୁବାସ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଆନ୍ଦୋଳନ ପରିଚାଳନା କରିବା ପାଇଁ କମ୍ରେଡ୍ କୁନ୍‌ମୁନ୍ ବେହେରା ଓ କମ୍ରେଡ୍ ପ୍ରମିଳା କାଣ୍ଡିଙ୍କ ନେତୃତ୍ୱରେ ୧୧ ଜଣିଆ କମିଟି ଗଠନ କରାଯାଇଛି।

## ଅଲ୍ ଇଣ୍ଡିଆ ଡି.ଏସ୍.ଓର ପ୍ରତିଷ୍ଠା ଦିବସ ନାଉଗାଁଠାରେ ପାଳିତ

୨୮ ଡିସେମ୍ବର, ଅଲ୍ ଇଣ୍ଡିଆ ଡି.ଏସ୍. ଓର ୬୦ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ନାଉଗାଁ ବ୍ଲକ୍‌ର ବାଂଶଠାରେ ଏକ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ନାଉଗାଁ ଆଞ୍ଚଳିକ କମିଟିର ସମ୍ପାଦକ କମ୍ରେଡ୍ ସୁବାସ ସ୍ୱାଇଁ ମୁଖ୍ୟ ଅତିଥିଭାବରେ ଯୋଗ ଦେଇ ରକ୍ତ ପତାକା ଉତ୍ତୋଳନ କରିବା ସହିତ ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଦାର୍ଶନିକ, ସର୍ବହରାର ମହାନ୍ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ସମାବେଶରେ ଅଲ୍ ଇଣ୍ଡିଆ ଡି.ଏସ୍.ଓ ଓଡିଶା ରାଜ୍ୟ କମିଟି ସଭ୍ୟା କମ୍ରେଡ୍ ରେଖା ଦଣ୍ଡପାଟ ମୁଖ୍ୟ ବକ୍ତାଭାବେ ଯୋଗଦେଇ ସମାଜରେ ପ୍ରତିନିୟତ ଗଢି ଉଠୁଥିବା ଶିକ୍ଷାଗତ ଓ ସାଂସ୍କୃତିକ ସମସ୍ୟା ଉପରେ ଆଲୋକପାତ କରିଥିଲେ।

## ଅଲ୍ ଇଣ୍ଡିଆ ଡି.ଏସ୍.ଓ.ର ୬୧ତମ ପ୍ରତିଷ୍ଠା ଦିବସ ପାଳିତ

ଅଲ୍ ଇଣ୍ଡିଆ ଡି.ଏସ୍.ଓ.ର ୬୧ତମ ପ୍ରତିଷ୍ଠା ଦିବସ ଅନୁଗୋଳ ଜିଲ୍ଲାରେ ପାଳିତ ହୋଇଛି। ଏହି ଉପଲକ୍ଷେ ଡିସେମ୍ବର ମାସ ୨୮ ତାରିଖ ଦିନ ପୂର୍ବାହ୍ନରେ ସଂଗଠନର ଶିକ୍ଷକପଡାସ୍ଥ ଅଫିସରେ ସଭା ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ରକ୍ତ ପତାକା ଉତ୍ତୋଳନ କରାଯିବା ସହ ଶିକ୍ଷା ଆନ୍ଦୋଳନର ଶହୀଦମାନଙ୍କ ଉଦ୍ଦେଶ୍ୟରେ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ସଂଗଠନର ପ୍ରତିଷ୍ଠାତା କମ୍ରେଡ ଶିବଦାସ ଘୋଷଙ୍କ ଉପରେ ରଚିତ ସଙ୍ଗୀତ ଗାନ କରାଯାଇଥିଲା । ଡି.ଏସ୍.ଓ. ସଂଗଠିକା ସରୋଜିନୀ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଉପସ୍ଥିତ ସଂଗଠକମାନେ ନବଜାଗରଣ ଯୁଗର ମହାମନିଷୀ ମାନଙ୍କ ଶିକ୍ଷା ଆନ୍ଦୋଳନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ସଭାରେ ଡି.ଏସ୍.ଓ. ସଂଗଠକ ସତ୍ୟରଞ୍ଜନ ସାହୁ, ବିକ୍ରମ ସାହୁ, ଶାଶ୍ୱତ ସାହୁ, ବନିତା ସ୍ୱାଇଁ, ନିରୁପମା ନାୟକ, ନାରାୟଣ ନାୟକ, ପମିତା ସାହୁ ପ୍ରମୁଖ ଆହ୍ୱାନ କରିଥିଲେ ।

ସେହିପରି କିଶୋରନଗରଠାରେ ମଧ୍ୟ ଡି.ଏସ୍.ଓ ସଂଗଠିକା ପ୍ରଭାସୀ ସ୍ୱାଇଁଙ୍କ ପରିଚାଳନାରେ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ସଭାରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଆଠମଲ୍ଲିକ ଆଞ୍ଚଳିକ କମିଟିର ସମ୍ପାଦକ ତୀର୍ଥବାସୀ ଭୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଭାରେ ଶ୍ୱେତପଦ୍ମା ପ୍ରଧାନ, ନଗେନ୍ ଦେହୁରୀ, ତପୁ ପ୍ରଧାନ, ଜୟବତୀ ଲୁହା ପ୍ରମୁଖ ଉପସ୍ଥିତ ଥିଲେ ।

## ଏମ୍ ଏସ୍.ଏସ୍‌ର କୋରାପୁଟ ଜିଲ୍ଲା ସାଂଗଠନିକ ସମ୍ମିଳନୀ ଉଦ୍‌ଯାପିତ



ଗତ ଡିସେମ୍ବର ୩୦ ତାରିଖ ଦିନ କୋରାପୁଟ ଜିଲ୍ଲାର ବୈପାରୀଗୁଡାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ପାଠାଗାରରେ ଅଲ୍ ଇଣ୍ଡିଆ ଏମ୍.ଏସ୍.ଏସ୍ କୋରାପୁଟ ଜିଲ୍ଲା ସାଂଗଠନିକ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ମଦ–ମାଦକ ଦ୍ରବ୍ୟ–ଅପସଂସ୍କୃତି–ଅଶ୍ଳୀଳତାର ପ୍ରସାର, କ୍ରମବର୍ଦ୍ଧମାନ ନାରୀ ନିର୍ଯ୍ୟାତନା, ନାରୀ ଚାଲାଣ, କନ୍ୟା ଭୃଣହତ୍ୟା ଆଦି ବିରୁଦ୍ଧରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ ସଂଗଠନର ରାଜ୍ୟ କମିଟି ସଭ୍ୟା କମ୍ରେଡ୍ ସୁଲୋଚନା ପ୍ରଧାନ। ସ୍ଥାନୀୟ ସଂଗଠିକା ଇନ୍ଦୁରେଖା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଚିଠା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ ସରସ୍ୱତୀ ଦାସ, ସସ୍ମିରେଖା ବିଶ୍ୱାଳ, ମିନତୀ ଭଟ୍ଟାଚାର୍ଯ୍ୟ, ରୁକ୍ମଣୀ ବାରିକ, ବାସନ୍ତୀ ଖରା, ରଶ୍ମି ଗୁଣ୍ଡା ପ୍ରମୁଖ। ଇନ୍ଦୁରେଖା ଦାସଙ୍କୁ ସଭାନେତ୍ରୀ ଓ ଲକ୍ଷ୍ମୀ ବାରିକଙ୍କୁ ସମ୍ପାଦିକା ରୂପେ ନେଇ ୩୦ ଜଣିଆ କମିଟି ଗଠନ କରାଯାଇଛି।

## ଜେ.ଆର୍.ପାୱାର ପ୍ଲାଣ୍ଟ ବାତିଲ୍ ଦାବିରେ ଗଣସମାବେଶ

ଉର୍ବର କୃଷିଜମିରେ ପ୍ରସ୍ତାବିତ ଜେ.ଆର୍.ପାୱାର୍ ପ୍ଲାଣ୍ଟ ବାତିଲ କରି ସୁରେଶ୍ୱରୀ ଜଳସେଚନ ଯୋଜନା ଦାବିରେ ଜୀବନ ଜୀବିକା ଓ କୃଷିଜମି ସୁରକ୍ଷା କମିଟି, କିଶୋରନଗର ପକ୍ଷରୁ ଦୀର୍ଘ ପାଞ୍ଚବର୍ଷ ଧରି ଲଗାତାରଭାବେ ଆନ୍ଦୋଳନ ଚାଲୁରହିଛି । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଜାନୁଆରୀ ୧୬ ତାରିଖ ଦିନ ଐତିହାସିକ ଅହୋରାତ୍ର ଗଣଧାରଣାସ୍ଥଳ ବରଡାମଳିହାଠାରେ ଏକ ଗଣସମାବେଶ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ଦୀନବନ୍ଧୁ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଣସମାବେଶରେ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ)ର ରାଜ୍ୟ ସମ୍ପାଦକ ଧୁର୍ଜଟୀ ଦାସ ମୁଖ୍ୟବକ୍ତାଭାବେ ଯୋଗଦେଇ ଦେଶୀବିଦେଶୀ କମ୍ପାନୀମାନଙ୍କ ସ୍ୱାର୍ଥରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉର୍ବର କୃଷିଜମି ଓ ପ୍ରାକୃତିକ ଜଙ୍ଗଲ ସମ୍ପଦକୁ ଧ୍ୱଂସ କରିବା ପାଇଁ ଘୃଣ୍ୟ ଷଡଯନ୍ତ୍ର କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ଅନନ୍ତ ଚରଣ ପ୍ରଧାନ, ସରପଞ୍ଚ ରମଣୀରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ସମିତିସଭ୍ୟ ବିଜୟ ରଥ, ରଣଜିତ୍ ଲାଲ୍ ପ୍ରଧାନ, ପଦ୍ମିନୀ ମୁଣ୍ଡା, ତରୁଣ ବେହେରା, ନାରାୟଣ ପାତ୍ର, ରମେଶ ସାହୁ, କୈଳାସ ପ୍ରଧାନ, ଅର୍ଜୁନ ମୁଣ୍ଡା, ପିତାମ୍ବର ପ୍ରଧାନ, ତରଙ୍ଗିଣୀ ପ୍ରଧାନ, କ୍ଷୀରେନ୍ଦ୍ରୀ ସାହୁ, ବସନ୍ତ ପ୍ରଧାନ, ଚେରୁ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ହରମୋହନ ପ୍ରଧାନ, ଉପେନ୍ଦ୍ର ପ୍ରଧାନ, ରୋହିତ ମୁଣ୍ଡା, ଚକ୍ରଧର ମୁଣ୍ଡା, ପ୍ରଫୁଲ୍ଲ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ପେଟ୍ରୋଲ ଡିଜେଲ ଉପରେ ଭାଟ୍ ବୃଦ୍ଧି ବିରୁଦ୍ଧରେ ଆନ୍ଦୋଳନ

ରାଜ୍ୟ ସରକାରଙ୍କ ଦ୍ୱାରା ପେଟ୍ରୋଲ, ଡିଜେଲ ଦର ଉପରେ ମୂଲ୍ୟ ଯୁକ୍ତ କର (ଭାଟ୍) ତିନି ପ୍ରତିଶତ ଭାଟ୍ ବୃଦ୍ଧିକୁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ପକ୍ଷରୁ ତୀବ୍ର ବିରୋଧ କରାଯାଇଛି । ଡିସେମ୍ବର ମାସ ୨୬ ତାରିଖ ଦିନ ସଂଗଠନର ଛେଣ୍ଡିପଦା ଆଞ୍ଚଳିକ କମିଟି ଉଦ୍ୟୋଗରେ ତୈଳଦର ବୃଦ୍ଧି ବିରୁଦ୍ଧରେ ଛେଣ୍ଡିପଦା ବଜାରରେ ସଂଗଠନର ସମ୍ପାଦକ ନବକିଶୋର ପ୍ରଧାନଙ୍କ ପରିଚାଳନାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ସଂଗଠକ ପ୍ରସାଦି ପ୍ରଧାନ, ସୁବାସ ପ୍ରଧାନ, ରଣଜିତ୍ ପ୍ରଧାନ, ମାନସ ପାଳ, ସତ୍ୟରଞ୍ଜନ ସାହୁ, ମୀନକେତନ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଦୃଢ ବିରୋଧ କରିବାସହ ତୁରନ୍ତ ବର୍ଦ୍ଧିତ ଟିକସ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଦର ବୃଦ୍ଧିରେ ସନ୍ତୁଥିବା ରାଜ୍ୟବାସୀଙ୍କ ଉପରେ ତୈଳଦର ବୃଦ୍ଧି ପୁଣି ବୋଝ ଉପରେ ଲଳିତାବିଡା ସଦୃଶ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ।

## ଆଲିଗଡ ମୁସଲିମ୍ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ କମିଟିର ସଭ୍ୟ ଭାବରେ କୁଅଁର ଭରତେନ୍ଦ୍ରଙ୍କ ନିଯୁକ୍ତିକୁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ତୀବ୍ର ବିରୋଧ

ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ କମିଟିର ସଭ୍ୟ ଭାବରେ ବିଜନୋରର ବିଜେପି ସାଂସଦ କୁଅଁର ଭରତେନ୍ଦ୍ରଙ୍କ ନିଯୁକ୍ତିକୁ ବିଭିନ୍ନ ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ମନୋଭାବାପନ୍ନ ଶିକ୍ଷାବିତ, ନାଗରିକ ମଞ୍ଚ ଓ ସଚେତନ ଜନଗଣଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏହା ବିରୋଧରେ ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ ଇଣ୍ଡିଆ (କମ୍ୟୁନିଷ୍ଟ) ମଧ୍ୟ ସାମିଲ ହୋଇଛି। ଏସ୍.ୟୁ.ସି.ଆଇ(ସି) ପକ୍ଷରୁ କୁହାଯାଇଛି ଯେ, ବିଜେପି ସାଂସଦ କୁଅଁର ଭରତେନ୍ଦ୍ର ମୁଜାଫରନଗରରେ ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗାର ଜଣେ ପ୍ରମୁଖ ଅଭିଯୁକ୍ତ ଅଟନ୍ତି। ସେହିଭଳି ଜଣେ ବ୍ୟକ୍ତିଙ୍କୁ ଶିକ୍ଷାନୁଷ୍ଠାନର ଏକ ମର୍ଯ୍ୟାଦା ସମ୍ପନ୍ନ ପଦବୀରେ ନିଯୁକ୍ତି ଦେବା ଅତ୍ୟନ୍ତ ଅଗଣତାନ୍ତ୍ରିକ ଓ ଅନ୍ୟାୟ। ଭରତେନ୍ଦ୍ରଙ୍କ ନିଯୁକ୍ତି ପ୍ରକ୍ରିୟା ଶିକ୍ଷାନୁଷ୍ଠାନର ସ୍ୱାତନ୍ତ୍ର୍ୟକୁ ଖର୍ବ କରୁଛି। ଏହି ସାମ୍ପ୍ରଦାୟିକ ମନୋଭାବ ସମ୍ପନ୍ନ ପଦକ୍ଷେପ ଶିକ୍ଷାନୁଷ୍ଠାନଗୁଡିକର ଧର୍ମନିରପେକ୍ଷ ମାନସିକତାକୁ ଧ୍ୱଂସ କରୁଛି। ଏହି ପଦକ୍ଷେପ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ଧ୍ୱଂସ କରିବା ପାଇଁ ଉଦ୍ଦିଷ୍ଟ। ତେଣୁ ଏସ୍.ୟୁ.ସି.ଆଇ(ସି)ର ସାଧାରଣ ସମ୍ପାଦକ ପ୍ରଭାସ ଘୋଷ ପ୍ରଧାନମନ୍ତ୍ରୀଙ୍କୁ ଏକ ପତ୍ର ଲେଖି କୁଅଁର ଭରତେନ୍ଦ୍ରଙ୍କ ଏହି ନିଯୁକ୍ତିକୁ ତୁରନ୍ତ ରଦ୍ଦ କରିବା ସହ ଶିକ୍ଷାନୁଷ୍ଠାନଗୁଡିକର ନୀତି ନିର୍ଦ୍ଧାରକ କମିଟିଗୁଡିକରେ ଏହିଭଳି କଳଙ୍କିତ ବ୍ୟକ୍ତିମାନଙ୍କୁ ନିଯୁକ୍ତି ନଦେବାକୁ ଅନୁରୋଧ କରିଛନ୍ତି।

## ଧଉରାଗୋଠ ଜଳସେଚନ ଯୋଜନା ଦାବିରେ ସାଧାରଣସଭା

ପ୍ରସ୍ତାବିତ ଧଉରାଗୋଠ ମଧ୍ୟମ ଜଳସେଚନ ଯୋଜନା ତୁରନ୍ତ କାର୍ଯ୍ୟକାରୀ ଦାବିରେ ୨୨ଖଣ୍ଡ ମୌଜାର ଜନସାଧାରଣଙ୍କୁ ନେଇ ଜାନୁୟାରୀ ୧୭ ତାରିଖ ପୂର୍ବାହ୍ନରେ କୁରୁମ୍‌ଟାପ ଆମ୍ବତୋଟାଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଧଉରାଗୋଠ ଜଳସେଚନ ଯୋଜନା ନିର୍ମାଣ କ୍ରିୟାନୁଷ୍ଠାନ କମିଟିର ଆବାହକ ନିର୍ମଳ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜଳସେଚିତ ହେବାକୁ ଥିବା ୨୨ଖଣ୍ଡ ମୌଜାର ପ୍ରତିନିଧିମାନେ ଯୋଗଦେଇ ଜଳସେଚନ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳିବାକୁ ଦୃଢ ମତବ୍ୟକ୍ତ କରିଥିଲେ। ଏଥିରେ ଏସ୍.ୟୁ.ସି.ଆଇ.(କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ ଧୂର୍ଜଟୀ ଦାସ ମୁଖ୍ୟବକ୍ତାଭାବେ ଯୋଗଦେଇ ପ୍ରସ୍ତାବିତ ଧଉରାଗୋଠ ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାରେ ରାଜ୍ୟସରକାରଙ୍କର ଉଦାସୀନତାକୁ ତୀବ୍ର ନିନ୍ଦା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ଜନଜୀବନ ସୁରକ୍ଷା କମିଟିର ଆବାହକ ତୀର୍ଥବାସୀ ଭୋଇ, ସାରଙ୍ଗଧର ପ୍ରଧାନ, ମଦନ ମୋହନ ପ୍ରଧାନ, ମହେଶ୍ୱର ପ୍ରଧାନ, ସୁଜନ ନାୟକ, ଗଣେଶ୍ୱର ସାହୁ, ଅଞ୍ଜନ କୁମାର ପ୍ରଧାନ, ଲୋଚନ ସାହୁ, ସୁବାସ ଚନ୍ଦ୍ର ସାହୁ, ଦନେଇ ନାୟକ, ରସାନନ୍ଦ ଭୋଳ, ରମେଶ ପ୍ରଧାନ, ବିଜୟ ବେହେରା, ଅଗସ୍ତି ସାହୁ, ତ୍ରିଲୋଚନ ପ୍ରଧାନ, ଚିତ୍ରସେନ ବେହେରା, 'କୀର କଅଁର, ପୂର୍ଣ୍ଣଚନ୍ଦ୍ର ନାୟକ, ହରି ନାୟକ ପ୍ରମୁଖ ବକ୍ତବ୍ୟ ଦେଇ ଲଗାତାର ଭାବେ ଶକ୍ତିଶାଳୀ ଆନ୍ଦୋଳନ ପାଇଁ ଦୃଢ ମତପୋଷଣ କରିଥିଲେ। ଏହି ଜଳସେଚନ ପ୍ରକଳ୍ପକୁ ଅବିଳମ୍ବେ କାର୍ଯ୍ୟକାରୀ ଦାବିରେ ଫେବୃୟାରୀ ୨୦ ତାରିଖରେ ଜଳସେଚନ ପ୍ରକଳ୍ପ ଦାୟିତ୍ୱରେ ଥିବା ଆଠମଲ୍ଲିକ ମାନ୍‌ଯୋର ଜଳସେଚନ ବିଭାଗ ଅଫିସ୍ ଘେରାଓ ପାଇଁ ସାଧାରଣ ସଭାରେ ନିଷ୍ପତ୍ତି ଘୋଷଣା କରାଯାଇଥିଲା। ଆଗାମୀ ଦିନରେ ଆନ୍ଦୋଳନକୁ ପରିଚାଳନା ପାଇଁ ଧଉରାଗୋଠ ଜଳସେଚନ ଯୋଜନା ନିର୍ମାଣ କ୍ରିୟାନୁଷ୍ଠାନ କମିଟିର ସଭାପତି ଭାବେ ନିର୍ମଳ ନାୟକ, ସମ୍ପାଦକ ଭାବେ ଅଞ୍ଜନ କୁମାର ପ୍ରଧାନଙ୍କ ସମେତ ଏକ ୪୫ଜଣିଆ କମିଟିକୁ ସଭାରେ ନିର୍ବାଚିତ କରାଯାଇଥିଲା ।

# ଗଭୀର ଆଶା ଓ ଉଦ୍ଦିପନା ମଧ୍ୟରେ ବଙ୍ଗଳାଦେଶର ସମାଜତାନ୍ତ୍ରିକ ଦଳ (ମାର୍କ୍ସବାଦୀ) ଏହାର ଯାତ୍ରା ଆରମ୍ଭ କଲା

ବାମପନ୍ଥୀ ଆନ୍ଦୋଳନରେ ସୁବିଧାବାଦ-ବ୍ୟକ୍ତିବାଦ ଓ ଜନସାଧାରଣଙ୍କ ସହିତ ସଂପର୍କଚ୍ୟୁତ ହେବାର ଧାରାକୁ ମୁକାବିଲାକରି ନିତିନିଷ୍ଠ ଓ ଲଢୁଆ ବିପ୍ଳବୀ ପାର୍ଟିର ଶକ୍ତିବୃଦ୍ଧିକରିବା ତଥା ସଂଶୋଧନବାଦ, ସଂସ୍କାରବାଦକୁ ପରାସ୍ତକରି ମାର୍କ୍ସବାଦ-ଲେନିନ୍‌ବାଦ ଓ କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତାଧାରା ଭିତ୍ତିରେ ବିପ୍ଳବୀ ପାର୍ଟି ଗଢିତୋଳିବାର ସଂଗ୍ରାମକୁ ଶକ୍ତିଶାଳୀ କରିବାର ଦୃଢ ପ୍ରତ୍ୟୟ ନେଇ ନଭେମ୍ବର ମାସ ୨୦ରୁ ୨୩ ପର୍ଯ୍ୟନ୍ତ ବଙ୍ଗଳାଦେଶର ରାଜଧାନୀ ଢାକାଠାରେ ବଙ୍ଗଳାଦେଶ ସମାଜତାନ୍ତ୍ରିକ ଦଳ (ମାର୍କ୍ସବାଦୀ)ର ୪ଦିନିଆ ବିଶେଷ କେନ୍ଦ୍ରୀୟ କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଛି। ଏହି କନ୍‌ଭେନ୍‌ସନ୍‌ରେ ବିଶେଷ ଅତିଥି ଭାବରେ ଏସ୍‌ୟୁସିଆଇ(ସି) ଦଳର ସାଧାରଣ ସଂପାଦକ କମ୍ରେଡ୍ ପ୍ରଭାସ ଘୋଷ ଆମନ୍ତ୍ରିତ ହୋଇଥିଲେ।

ନଭେମ୍ବର ମାସ ୨୦ତାରିଖ ସକାଳ ୧୧ଟାରେ ଢାକାସ୍ଥିତ ମହାନଗର ନାଟ୍ୟମଞ୍ଚଠାରେ କନ୍‌ଭେନ୍‌ସନ୍‌ର ଉଦ୍‌ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପତାକା ଉତ୍ତୋଳନ କରିଥିଲେ ବଙ୍ଗଳାଦେଶ ସମାଜତାନ୍ତ୍ରିକ ଦଳ(ମାର୍କ୍ସବାଦୀ)ର ତୁଙ୍ଗନେତା ତଥା କନ୍‌ଭେନ୍‌ସନ୍ ପ୍ରସ୍ତୁତି କମିଟିର ଆବାହକ କମ୍ରେଡ୍ ମୁବିନୁଲ ହାଇଦର ଚୌଧୁରୀ। ସମଗ୍ର ବିଶ୍ୱରେ ଶହୀଦ ବିପ୍ଳବୀମାନଙ୍କର ସ୍ମୃତିପ୍ରତି ସମ୍ମାନ ପ୍ରଦର୍ଶନ କରିବା ପାଇଁ କମ୍ରେଡ୍ ହାଇଦର ଚୌଧୁରୀ ଏବଂ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ସାଧାରଣ ସଂପାଦକ କମ୍ରେଡ୍ ପ୍ରଭାସ ଘୋଷଙ୍କ ପକ୍ଷରୁ ଦଳର କେନ୍ଦ୍ରୀୟ କମିଟିର ସଦସ୍ୟ କମ୍ରେଡ୍ ସି.କେ ଲ୍ୟୁକୋସ ଶହୀଦ ବେଦୀରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଶହୀଦମାନଙ୍କ ସ୍ମରଣପାଇଁ ଏକ ମିନିଟ୍ ନିରବତା ଅବଲମ୍ବନ କରାଯାଇଥିଲା। ନିରବତା ଅବଲମ୍ବନ ପରେ ଏକ ବିଶାଳ ସୁସଜ୍ଜିତ ପଟୁଆର ସହର ପରିକ୍ରମାକରି ସମାବେଶ ସ୍ଥଳକୁ ଫେରି ଆସିଥିଲା।

କନ୍‌ଭେନ୍‌ସନ୍‌ର ଉଦ୍‌ଘାଟନୀ ଭାଷଣର କମ୍ରେଡ୍ ମୁବିନୁଲ ହାଇଦର ଚୌଧୁରୀ କହିଥିଲେ ଯେ ଋଷ ଦେଶରେ ସଂଗଠିତ ହୋଇଥିବା ମହାନ୍ ନଭେମ୍ବର ବିପ୍ଳବର ଐତିହାସିକ ତାତ୍ପର୍ଯ୍ୟକୁ ସ୍ମରଣରଖି ୧୯୮୦ ମସିହା ନଭେମ୍ବର ୭ତାରିଖ ଦିନ ଆମଦଳର ପ୍ରତିଷ୍ଠା ହୋଇଥିଲା। ଦଳ ଗଢିତୋଳିବାର ସଂଗ୍ରାମରେ ଆମମାନଙ୍କର ପାଥେୟଥିଲା ମାର୍କ୍ସବାଦ-ଲେନିନ୍‌ବାଦ ଏବଂ ଏ ଯୁଗର ଅନ୍ୟତମ ବିଶିଷ୍ଟ ମାର୍କ୍ସବାଦୀ ଦାର୍ଶନିକ କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତାଧାରା। ଦୀର୍ଘ ବହୁଦଶନ୍ଧି ଧରି ସଂଶୋଧନବାଦର ଚର୍ଚ୍ଚା ଫଳରେ ସୋଭିଏତ୍ ୟୁନିୟନ ସମେତ ପୂର୍ବ ୟୁରୋପର ସମାଜତାନ୍ତ୍ରିକ ଦେଶମାନଙ୍କରେ ସମାଜବାଦୀ ବ୍ୟବସ୍ଥାର ବିଲୟ ଘଟିଲା। ଏହାର ପ୍ରଭାବରେ ସମଗ୍ର ବିଶ୍ୱର କମ୍ୟୁନିଷ୍ଟ ପାର୍ଟିମାନେ ଦିଗହରା ହୋଇପଡିଲେ। ଏପରିକି କମ୍ୟୁନିଷ୍ଟ ପାର୍ଟିକୁ ବିଲୁପ୍ତ କରିବା ଭଳି କାମ ମଧ୍ୟ ସେମାନେ କରିବାକୁ ଲାଗିଲେ। ସେହି ସମୟରେ କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷାର ଆଧାରରେ ଆମଦଳ ମଥା ଉଚ୍ଚକରି ଠିଆହୋଇଥିଲା। ଦଳର ସାଂଗଠନିକ କାର୍ଯ୍ୟ ଚାଲିଥିବା ସମୟରେ ମାର୍କ୍ସବାଦ-ଲେନିନ୍‌ବାଦ ଓ କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାକୁ ଜୀବନରେ ପ୍ରୟୋଗ କରିବା କ୍ଷେତ୍ରରେ ତ୍ରୁଟିଯୋଗୁ ଦଳର ଅଭ୍ୟନ୍ତରରେ ଦଳେ ନେତାଙ୍କ ମଧ୍ୟରେ ବ୍ୟକ୍ତିବାଦୀ ପ୍ରବଣତା ଜନ୍ମ ନେଇଥିଲା। ସେମାନେ ଆଦର୍ଶକୁ ହିଁ ଅସ୍ୱୀକାର କଲେ। ଦଳର ଅଭ୍ୟନ୍ତରରେ ଆଦର୍ଶକୁ ସମୁନ୍ନତ କରି ରଖିବା ପାଇଁ ସଂଗ୍ରାମ କରିବା ପ୍ରକ୍ରିୟାରେ ଆମଦଳ ଆଜିକାର ଯାଗାରେ ପହଞ୍ଚିଛି।

କନ୍‌ଭେନ୍‌ସନ୍‌ର ପ୍ରକାଶ୍ୟ ଅଧିବେଶନ ଉପଲକ୍ଷେ ଜନସଭା ଅପରାହ୍ନ ୪ଟାରେ ଅନୁଷ୍ଠିତ ହୋଇଥିଲା। ପାଞ୍ଚହଜାରରୁ ଅଧିକ ଜନସମାବେଶରେ ବକ୍ତବ୍ୟ ରଖିଥିଲେ କମ୍ରେଡ୍ ଶୁଭ୍ରାଂଶୁ ଚକ୍ରବର୍ତ୍ତି, ଗଣତାନ୍ତ୍ରିକ ବାମମୋର୍ଚ୍ଚାର ଆବାହକ ଅଧ୍ୟାପକ ଅବ୍‌ଦୁସ୍ ସତ୍ତାର, ବିଶେଷ ଅତିଥି ଭାବରେ ବକ୍ତବ୍ୟ ରଖିଥିଲେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ସାଧାରଣ ସଂପାଦକ କମ୍ରେଡ୍ ପ୍ରଭାସ ଘୋଷ।

କମ୍ରେଡ୍ ପ୍ରଭାସ ଘୋଷ କହିଥିଲେ ଯେ ସଂଶୋଧନବାଦର କବଳରେପଡି ବିଶ୍ୱ ସାମ୍ୟବାଦୀ ଶିବିର ଭାଙ୍ଗିପଡିବାପରେ ସାରା ଦୁନିଆ ଆଡକୁ ଚାହିଁ ଦେଖନ୍ତୁ। ସାମ୍ରାଜ୍ୟବାଦୀ ଶକ୍ତିମାନେ କି ଭୟଙ୍କର ତାଣ୍ଡବଲୀଳା ଆରମ୍ଭ କରିଛନ୍ତି। ଦୁନିଆର ସମସ୍ତ ଦେଶରେ ମାର୍କିନ ଯୁକ୍ତରାଷ୍ଟ୍ର ନେତୃତ୍ୱରେ ସାମ୍ରାଜ୍ୟବାଦୀ ଶକ୍ତିଗୁଡିକ ଆକ୍ରମଣ, ଲୁଟ୍‌ପାଟ୍, ଗଣହତ୍ୟା- କଣ ନକରୁଛନ୍ତି। ଗୋଟିଏ ସମୟରେ ଆବାଜ ଉଠିଥିଲା ସମାଜତନ୍ତ୍ରର ଦିନକାଳ ସରିଗଲା। ଆମେ କହିଥିଲୁ ସମାଜତନ୍ତ୍ରର ଦିନ ଶେଷ ହୋଇନାହିଁ। କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷାରୁ ଆମେ ଜାଣିଥିଲୁ ସଂଶୋଧନବାଦ କିଭଳି ଭୟଙ୍କର ଭାବରେ ସାମ୍ୟବାଦୀ ଶିବିରକୁ ଏହାର ଅଭ୍ୟନ୍ତରରୁ ହିଁ ଗ୍ରାସ କରୁଛି। ସେଥିପାଇଁ ଆମେ ହତାଶ ହୋଇନଥିଲୁ। ଆମେ ମାଟି କାମୁଡି ପଡି ରହି ଜନସାଧାରଣଙ୍କ ଦାବି ଉପରେ ଲଢେଇ କରିଯାଇଛୁ, ଆଜିମଧ୍ୟ କରୁଛୁ।

ସଭାପତି ଅଭିଭାଷଣରେ କମ୍ରେଡ୍ ମୁବିନୁଲ ହାଇଦର ଚୌଧୁରୀ କହିଥିଲେ ଯେ ଗତ ୪୨ବର୍ଷ ଧରି ଜନସାଧାରଣଙ୍କୁ ଲୁଟ୍‌ପାଟ୍ କରି ବଙ୍ଗଳାଦେଶରେ ଏକଚାଟିଆ ପୁଞ୍ଜିପତି ମାଲିକ ଗୋଷ୍ଠିର ସୃଷ୍ଟି ହୋଇଛି। ସମାଜରେ ବୈଷମ୍ୟର ପାହାଡ ସୃଷ୍ଟି ହୋଇଛି। ବର୍ତ୍ତମାନ ଏହି ଏକଚାଟିଆ ପୁଞ୍ଜିର ମାଲିକମାନଙ୍କର ପ୍ରୟୋଜନ ହେଉଛି ଦେଶରେ ଏକ ପ୍ରତିବାଦ-ପ୍ରତିରୋଧ ବିହୀନ ପରିବେଶ। ଏମାନଙ୍କ ସହାୟତାରେ ହିଁ ଆୱାମୀ ନେତୃତ୍ୱାଧୀନ ମହାମେଣ୍ଟ ଦେଶରେ ଫାଶିବାଦୀ ଶାସନ ପ୍ରତିଷ୍ଠା କରିଛି। ସାମ୍ରାଜ୍ୟବାଦୀ ଶକ୍ତିଗୁଡିକ, ବିଶେଷକରି ଭାରତୀୟ ସାମ୍ରାଜ୍ୟବାଦ ଏମାନଙ୍କୁ ସହାୟତା ଦେଉଛି। ଏତେ ବିଶାଳ ବିଶାଳ ଆନ୍ଦୋଳନ ଓ ଲଢେଇ ପ୍ରତ୍ୟକ୍ଷ କରିଥିବା ଦେଶରେ ଆଜି କୌଣସି ଆନ୍ଦୋଳନ ନାହିଁ, ପ୍ରତିବାଦ ନାହିଁ। ଆତ୍ମତ୍ୟାଗର ଏକ ବିରାଟ ଇତିହାସ ରହିଥିବା ବାମପନ୍ଥୀମାନେ ମଧ୍ୟ ଆଜି ବିଭ୍ରାନ୍ତ, ଉଦ୍‌ଭ୍ରାନ୍ତ। ଶାସକମାନଙ୍କର ପରିକଳ୍ପନାକୁ ବାସ୍ତବାୟିତ କରିବା ପାଇଁ ସେମାନେ, ବୁଝିହେଉ ବା ନବୁଝି ହେଉ କାମ କରିଯାଉଛନ୍ତି। କମ୍ରେଡ୍ ଚୌଧୁରୀ କହିଲେଯେ ଏହି ଅବସ୍ଥାରେ ଯେଉଁ ବାମପନ୍ଥୀ ଶକ୍ତିମାନେ ଦେଶରେ ସକ୍ରିୟ ଅଛନ୍ତି ସେମାନଙ୍କର ଦାୟିତ୍ୱ ହେଉଛି ଗଣଆନ୍ଦୋଳନର ଧାରାକୁ ବିକଶିତ କରିବା। ଜନସାଧାରଣଙ୍କ ସମସ୍ୟାନେଇ ଜାତୀୟ ଓ ସ୍ଥାନୀୟ ସ୍ତରରେ ଧାରାବାହିକ ଗଣଆନ୍ଦୋଳନ ଗଢିତୋଳିବା। କାରଣ ଗଣଆନ୍ଦୋଳନକୁ ବିକଶିତ କରିବାକୁ ବାଦଦେଇ ବାମପନ୍ଥୀମାନେ ଅଗ୍ରଗତି କରିପାରିବେ ନାହିଁ

ସେ ଆହୁରି କହିଥିଲେ ଯେ, ଏହି କନ୍‌ଭେନ୍‌ସନ୍‌ରୁ ଆମେ ବିଗତ ଦିନର ତ୍ରୁଟି ଓ ଦୁର୍ବଳତାଗୁଡିକୁ ଚିହ୍ନିତ କରି ଗୋଟିଏ ଲଢୁଆ ପାର୍ଟି ଭାବରେ ଆମଦଳକୁ ଠିଆ କରାଇବାପାଇଁ ସର୍ବାଧିକ ଉଦ୍ୟୋଗ ଗ୍ରହଣ କରିବୁ। ବାସଦ(ମାର୍କ୍ସବାଦୀ) ଏହାର ସୀମିତ ଶକ୍ତି ସହିତ ମଧ୍ୟ ଅନ୍ୟାନ୍ୟ ବାମପନ୍ଥୀ ଶକ୍ତିମାନଙ୍କ ସହିତ ହାତମିଶାଇ ଗଣଆନ୍ଦୋଳନ ଗଢିତୋଳିବା ପାଇଁ ସର୍ବଶକ୍ତି ବିନିଯୋଗ କରିବ ବୋଲି ମଧ୍ୟ କମ୍ରେଡ୍ ଚୌଧୁରୀ ପ୍ରକାଶ କରିଥିଲେ।

ନଭେମ୍ବର ୨୧ ରୁ ୨୩ ତାରିଖ ପର୍ଯ୍ୟନ୍ତ ଇଞ୍ଜିନିୟର୍ସ ଇଷ୍ଟିଚ୍ୟୁଟ୍ ସେମିନାର ହଲ୍‌ରେ କନ୍‌ଭେନ୍‌ସନ୍‌ର ପ୍ରତିନିଧି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରତିନିଧି ଅଧିବେଶନରେ ଜାତୀୟ ଓ ଅନ୍ତର୍ଜାତୀୟ ଦଲିଲ, ପାର୍ଟି ଗଢିତୋଳିବା ପାଇଁ ଆଦର୍ଶଗତ ସଂଗ୍ରାମର ଅଭିଜ୍ଞତା ସମ୍ବଳିତ ଦଲିଲ ଏବଂ ରାଜନୈତିକ-ସାଂଗଠନିକ ପ୍ରତିବେଦନ ଉପସ୍ଥାପିତ ଓ ଗୃହୀତ ହୋଇଥିଲା।

**ସାମ୍ବାଦିକ ସମ୍ମିଳନୀ:-** ନଭେମ୍ବର ମାସ ୨୪ତାରିଖ ଅପରାହ୍ନ ୩ଟାରେ ଇଞ୍ଜିନିୟର୍ସ ଇଷ୍ଟିଚ୍ୟୁସନର ସେମିନାର ହଲ୍‌ରେ ବାସଦ (ମାର୍କ୍ସବାଦୀ) ପକ୍ଷରୁ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଜାରୀ କରାଯାଇଥିବା ଲିଖିତ ବକ୍ତବ୍ୟରେ କୁହାଯାଇଥିଲା ଯେ- ସଂଶୋଧନବାଦୀ-ସଂସ୍କାରବାଦୀ-ସୁବିଧାବାଦୀ ନେତୃତ୍ୱର କବଳରୁ ମାର୍କ୍ସବାଦର ବିପ୍ଳବୀ ପ୍ରାଣସତ୍ତାକୁ ରକ୍ଷାକରିବାର ତାଗିଦ୍‌ରେ ୨୦୧୩ ମସିହା ଏପ୍ରିଲ ମାସ ୧ତାରିଖ ଦିନ ବାଲାଂଦେଶର ସମାଜତାନ୍ତ୍ରିକ ଦଳ-ବାସଦର କେନ୍ଦ୍ରୀୟ ନେତୃତ୍ୱର ଏକାଂଶ ସହିତ ସଂପର୍କ ଛିନ୍ନ କରାଯାଇଥିଲା। ଦଳ ପ୍ରତିଷ୍ଠା ସମୟରେ ଘୋଷିତ ଆଦର୍ଶ, ମାର୍କ୍ସବାଦ-ଲେନିନ୍‌ବାଦ-କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତାଧାରାର ଭିତ୍ତିରେ ସଂଗ୍ରାମକୁ ଆଗେଇ ନେବାର ଲକ୍ଷ୍ୟରେ କମ୍ରେଡ୍ ମୁବିନୁଲ ହାଇଦର ଚୌଧୁରୀଙ୍କୁ ଆବାହକ ଭାବରେ ଦାୟିତ୍ୱଦେଇ କେନ୍ଦ୍ରୀୟ କନ୍‌ଭେନ୍‌ସନ୍‌ର ପ୍ରସ୍ତୁତି କମିଟି ଗଠନ କରାଯାଇଥିଲା। ୧୯୧୩ ମସିହା ଏପ୍ରିଲ୍ ୧୨ତାରିଖ ଦିନ ଗୋଟିଏ ସାମ୍ବାଦିକ ସମ୍ମିଳନୀରେ ସଦ୍ୟ ସମାପ୍ତ କେନ୍ଦ୍ରୀୟ କନ୍‌ଭେନ୍‌ସନ୍ ସମ୍ପର୍କିତ ଘୋଷଣା କରାଯାଇଥିଲା।

କନ୍‌ଭେନ୍‌ସନ୍‌ରେ ନିମ୍ନଲିଖିତ ସିଦ୍ଧାନ୍ତ ଗୃହୀତ ହୋଇଛି- ବର୍ତ୍ତମାନଠାରୁ ଏହିପାର୍ଟି ବଙ୍ଗଳାଦେଶର ସମାଜତାନ୍ତ୍ରିକ ଦଳ(ମାର୍କ୍ସବାଦୀ), ସଂକ୍ଷେପରେ ବାସଦ (ମାର୍କ୍ସବାଦୀ) ନାମରେ ପରିଚିତ ହେବ। କନ୍‌ଭେନ୍‌ସନ୍‌ରେ ଦଳର ଚିଠା ସଂବିଧାନ ଗ୍ରହଣ କରାହୋଇଛି। କମ୍ରେଡ୍ ମୁବିନୁଲ୍ ହାଇଦର ଚୌଧୁରୀଙ୍କୁ ସାଧାରଣ ସଂପାଦକ ଭାବରେ ମନୋନୀତ କରାଯିବା ସଂଗେ ସଂଗେ ଗୋଟିଏ ୬ଜଣିଆ କେନ୍ଦ୍ରୀୟ କାର୍ଯ୍ୟପରିଚାଳନା କମିଟି ଗଠନ କରାହୋଇଛି। କମିଟିର ଅନ୍ୟ ସଦସ୍ୟମାନେ ହେଉଛନ୍ତି କମ୍ରେଡ୍ ଶୁଭ୍ରାଂଶୁ ଚକ୍ରବର୍ତ୍ତି, ଆଲମ୍‌ଗିର ହୋସେନ୍ ଦୁଲାଲ, ମାନସ ନନ୍ଦୀ, ମନ୍‌ଜୁରା ଲୀଲା, ଉଜ୍ଜଳ ରାୟ ଓ ଓବାୟତୁଲ୍ଲା ମୁସା, ଫକୀରୁଦ୍ଦିନ ଆତିକ୍ ଓ ସାଇଫୁଦ୍ଦିନ ସାକତ [ବାସଦ (ମାର୍କ୍ସବାଦୀ) କର୍ତ୍ତୃକ ପ୍ରକାଶିତ ପ୍ରେସ ଇସ୍ତାହାର ଆଧାରରେ ସଂକଳିତ।]

# ୧୨ଦଫା ଜ୍ୱଳନ୍ତ ସମସ୍ୟାର ସମାଧାନ ଦାବିରେ ଅନୁଗୁଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଗଣ ଅବସ୍ଥାନ

ପ୍ରସ୍ତାବିତ ଜେ.ଆର୍ ପାୱାର, ଜିନ୍ଦଲର ସି.ଟି.ଏଲ୍, ମହାଗୁଜ୍ ସମେତ ପ୍ରଦୂଷଣକାରୀ ସମସ୍ତ ଶିଳ୍ପ ଓ ଖଣି ପ୍ରତିଷ୍ଠାକୁ ବାତିଲ କରିବା, କୃଷିଜମି, ଜଙ୍ଗଲ, ଜନବସତିକୁ ଧ୍ୱଂସକରି ଶିଳ୍ପ ଓ ଖଣି ପ୍ରତିଷ୍ଠା ବନ୍ଦ କରିବା, ଅନୁଗୁଳ ଜିଲ୍ଲାରେ ଆଉ ଅଧିକ ଶିଳ୍ପ ଓ ଖଣି ପ୍ରତିଷ୍ଠାକୁ ଅନୁମତି ଦେବା ବନ୍ଦ କରିବା, ଜିନ୍ଦଲ, ମୋନେଟ୍, ଭୂଷଣ, ଜିନ୍ଦଲ 'ଟୋ, ଟାଟା, ନାଲକୋ, ଏନ୍.ଟି.ପି.ସି., ଏମ୍.ସି.ଏଲ୍, ସମଲ ବ୍ୟାରେଜ୍, ମାନଜୋର୍ ଜଳସେଚନ ଦ୍ୱାରା କ୍ଷତିଗ୍ରସ୍ତ ଓ ବିସ୍ଥାପିତଙ୍କୁ ଉପଯୁକ୍ତ କ୍ଷତିପୂରଣ, ଥଇଥାନ ଏବଂ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ପ୍ରତିଷ୍ଠିତ ସମସ୍ତ ଶିଳ୍ପ ଓ ଖଣିରେ ସ୍ଥାନୀୟ ଯୁବକ-ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା, ଶିଳ୍ପ ଓ ଖଣି ଦ୍ୱାରା ହେଉଥିବା ଧୂଳି, ଧୂଆଁ, ପାଉଁଶ, ବିଷାକ୍ତ ଗ୍ୟାସର ପ୍ରଦୂଷଣକୁ ଉନ୍ନତ ବୈଜ୍ଞାନିକ ପଦ୍ଧତିରେ ନିୟନ୍ତ୍ରଣ କରିବା, ଅନୁଗୁଳ ଜିଲ୍ଲା ମୁଖ୍ୟଡାକ୍ତରଖାନା, ଆଠମଲ୍ଲିକ, ପାଲଲହଡା, ତାଳଚେରର ଉପଖଣ୍ଡ ସ୍ତରୀୟ ଡାକ୍ତରଖାନା ସମେତ ସମସ୍ତ ଡାକ୍ତରଖାନାରେ ପ୍ରୟୋଜନ ମୁତାବକ ବିଶେଷଜ୍ଞ ଡାକ୍ତର, କର୍ମଚାରୀ ନିଯୁକ୍ତି ଓ ମାଗଣା ଔଷଧ ଯୋଗାଇ ରିହାତି ମୂଲ୍ୟରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା, ଅନୁଗୁଳ ଜିଲ୍ଲାରେ ଏକ ଉନ୍ନତ ମାନର ମେଡିକାଲ କଲେଜ ଓ ହସ୍ପିଟାଲ୍ ପ୍ରତିଷ୍ଠା କରିବା, ସମସ୍ତ କମ୍ପାନୀର ଡାକ୍ତରଖାନା ଗୁଡିକରେ ଜିଲ୍ଲାବାସୀଙ୍କୁ ମାଗଣା ଚିକିତ୍ସା ସୁବିଧା ଦେବା, ସୁରେଶ୍ୱରୀ, ଧଉରାଗୋଠ, ହିଡିସିଂହ, ସମାକୋଇ ସମେତ ଜିଲ୍ଲାର ସମସ୍ତ ପ୍ରସ୍ତାବିତ ଜଳସେଚନ ଯୋଜନା ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରିବା, ଚାଷ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଜଳଭଣ୍ଡାରର ଜଳକୁ କମ୍ପାନୀକୁ ହସ୍ତାନ୍ତର ବନ୍ଦ କରିବା, ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଆବଶ୍ୟକତା ଅନୁଯାୟୀ ଶୀତଳଭଣ୍ଡାର ନିର୍ମାଣ କରି ଚାଲୁ କରିବା, ଅନୁଗୁଳ ଜିଲ୍ଲାବ୍ୟାପୀ ରିହାତି ଦରରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରିବା, ବିଦ୍ୟୁତ୍ ସେବା କ୍ଷେତ୍ରରେ ଘରୋଇ କମ୍ପାନୀ ଏନ୍‌ଜେଏନ୍ ର ପ୍ରବେଶକୁ ନିଷିଦ୍ଧ କରିବା, ବିଭିନ୍ନ ଆଳରେ ଉପଭୋକ୍ତାଙ୍କ ଉପରେ ବିଦ୍ୟୁତ୍ ଶୁଳ୍କର ବୋଝ ଲଦିଦେବା ବନ୍ଦ କରିବା, ଘରୋଇ କମ୍ପାନୀମାନଙ୍କୁ ଭୂତଳ ଜଳ ବ୍ୟବହାରକୁ ନିଷିଦ୍ଧ କରିବା, ଜିଲ୍ଲାର ସମସ୍ତ ସହର, ଗାଁ, ସାହି, ବସ୍ତିକୁ ପାଇପ୍ ଯୋଗେ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବା, ଅନୁଗୁଳ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମେତ ସମସ୍ତ ସ୍କୁଲ କଲେଜରେ ଆବଶ୍ୟକୀୟ ଶିକ୍ଷକ ଅଧ୍ୟାପକ ନିଯୁକ୍ତିକରି ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାର ସମାଧାନ କରିବା, ଜିଲ୍ଲାର ଉପାନ୍ତ ଅଞ୍ଚଳ ଆଠମଲ୍ଲିକ ଓ ପାଲଲହଡା ଠାରେ ସରକାରୀ ଆଇ.ଟି.ଆଇ ଓ ପଲିଟେକ୍‌ନିକ୍ ଖୋଲିବା, ମରଣଯନ୍ତା ପାଲଟିଥିବା ୫୫ ନମ୍ବର ଜାତୀୟ ରାଜପଥର ଟ୍ରାଫିକ୍ ସମସ୍ୟାର ସମାଧାନ କରିବା ସହିତ ଜନବସତି ଦେଇ ଭାରିଯାନ ଚଳାଚଳକୁ ନିଷିଦ୍ଧ କରିବା, ଅଭୟାରଣ୍ୟ ମଧ୍ୟରେ ଥିବା ଜନବସତି ଗୁଡିକର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ସୁବ୍ୟବସ୍ଥା କରିବା ଏବଂ ହାତୀ




ତଥା ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଉପଦ୍ରବ ବନ୍ଦ ପାଇଁ ବିହିତ ପଦକ୍ଷେପ ନେବା, ଅନୁଗୁଳ ରେଲୱେ ଷ୍ଟେସନ ସମେତ ଜିଲ୍ଲାର ସମସ୍ତ ରେଲୱେ ଷ୍ଟେସନଗୁଡିକର ଉନ୍ନତିକରଣ କରିବା ଏବଂ ତାଳଚେର-ବିମଳାଗଡ ରେଳପଥକୁ ତୁରନ୍ତ କାର୍ଯ୍ୟକାରୀ କରିବା, କମ୍ପାନୀମାନଙ୍କ ସ୍ୱାର୍ଥରେ ପ୍ରସ୍ତାବିତ କମନ୍ ରେଲୱେ କରିଡର ନିର୍ମାଣକୁ ସମ୍ପୂର୍ଣ୍ଣ ବାତିଲ କରିବା, ଜିଲ୍ଲାରେ ମଦ ମାଦକ ଦ୍ରବ୍ୟର ପ୍ରଚାର ପ୍ରସାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପ୍ରଭୃତି ଜିଲ୍ଲାର ୧୨ଦଫା ଜ୍ୱଳନ୍ତ ସମସ୍ୟାର ସମାଧାନ ଦାବିରେ ଆଜି **"ଅନୁଗୁଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି"** ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଗତ ଡିସେମ୍ବର ୨୪ ତାରିଖ ଦିନ ଗଣ ଅବସ୍ଥାନ ଅନୁଷ୍ଠିତ ହୋଇଯାଇଛି। କମିଟିର ଅନ୍ୟତମ ଆବାହକ ବରିଷ୍ଠ ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଣ ଅବସ୍ଥାନରେ କମିଟିର ଆବାହକ ଆଇନ୍‌ଜୀବୀ ପ୍ରମୋଦ କୁମାର ପ୍ରଧାନ, ରବିନ୍ଦ୍ର ପ୍ରସାଦ ପଟ୍ଟନାୟକ, ହେମନ୍ତ ଦାସ, ଶିକ୍ଷାବିତ୍ ବଂଶୀଧର ପ୍ରଧାନ, ତ୍ରିନାଥ ସାହୁ, ଶିବରାମ ମିଶ୍ର, ବ୍ରଜବନ୍ଧୁ ସାହୁ, ରମଣୀରଞ୍ଜନ ପ୍ରଧାନଙ୍କ ସମେତ ଜିଲ୍ଲାର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସଚେତନ ନାଗରିକ, ପରିବେଶବିତ୍, ଗଣଆନ୍ଦୋଳନର କର୍ମକର୍ତ୍ତା ବକ୍ତବ୍ୟଦେଇ ଜିଲ୍ଲାର ଜ୍ୱଳନ୍ତ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ। କମିଟିର ଆବାହକ ପ୍ରମୋଦ ପ୍ରଧାନଙ୍କ ନେତୃତ୍ୱରେ ଏକ ୧୫ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ପ୍ରଶାସନକୁ ସାକ୍ଷାତ୍ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଜିଲ୍ଲାର ମୌଳିକ ସମସ୍ୟାର ସମାଧାନ ପାଇଁ ବିହିତ ପଦକ୍ଷେପ ନନେଲେ ଆଗାମୀ ଦିନରେ ଅନୁଗୁଳ ଜିଲ୍ଲାବ୍ୟାପୀ ବ୍ୟାପକ ଜନଆନ୍ଦୋଳନ କରିବା ପାଇଁ କମିଟି ପକ୍ଷରୁ ସରକାରଙ୍କୁ କଡା ଚେତାବନୀ ଦିଆଯାଇଛି।

**ନାରୀ ନିର୍ଯ୍ୟାତନା-ମଦ-ଅଶ୍ଳୀଳତା ଆଦି ବିରୁଦ୍ଧରେ**
**ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଉଦ୍ୟୋଗରେ**
**୪ର୍ଥ ରାଜ୍ୟ ସ୍ତରୀୟ ମହିଳା ସମ୍ମିଳନୀ**

**୩୧ ଜାନୁୟାରୀ** — **ପ୍ରକାଶ୍ୟ ଅଧିବେଶନ**
**ସ୍ଥାନ ଲୋୟର ପି.ଏମ୍.ଜି, ଭୁବନେଶ୍ୱର**
**ସମୟ ଦିନ ୧୧ଟା**

**୧ ଫେବୃୟାରୀ** — **ପ୍ରତିନିଧି ଅଧିବେଶନ**
**କୋରାପୁଟ ଭବନ, ଭୁବନେଶ୍ୱର**

# ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ଉଦ୍ୟୋଗରେ ଭୁବନେଶ୍ୱରରେ ଦୁଇ ଦିନିଆ ଶିକ୍ଷା ଶିବିର



ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ପକ୍ଷରୁ ଜାନୁୟାରୀ ୩ ଓ ୪ ତାରିଖ ଦୁଇଦିନ ଧରି ରାଜ୍ୟସ୍ତରୀୟ ଶିକ୍ଷାଶିବିର ପାର୍ଟିର ରାଜ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କମିଟି ଦ୍ୱାରା ନିର୍ବାଚିତ ୧୭୫ ଜଣ ପ୍ରତିନିଧି ଏହି ଶିକ୍ଷା ଶିବିରରେ ଯୋଗ ଦେଇଥିଲେ। ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ୍ ସୌମେନ ବୋଷ ଏହି ଶିବିରକୁ ପରିଚାଳନା କରିଥିଲେ। ଗଣତାନ୍ତ୍ରିକ କେନ୍ଦ୍ରୀକରଣ, ସର୍ବହରା ସଂସ୍କୃତି ଓ ଯୌଥ ନେତୃତ୍ୱ ସମ୍ପର୍କରେ ଉପସ୍ଥିତ ପ୍ରତିନିଧିମାନେ ବିଭିନ୍ନ ପ୍ରଶ୍ନ ଉତ୍ଥାପନ କରିଥିଲେ ଓ ବହୁ ପ୍ରତିନିଧି ଖୁବ ଜୀବନ୍ତଭାବେ ଆଲୋଚନାରେ ଅଂଶଗ୍ରହଣ କରି ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ। କମ୍ରେଡ୍ ବୋଷ ଏ ସମ୍ପର୍କରେ ସର୍ବଶେଷ ଆଲୋଚନା କରିଥିଲେ। ଉକ୍ତ ଶିକ୍ଷା ଶିବିରରେ ବର୍ତ୍ତମାନର ଜାତୀୟ ଓ ଆନ୍ତର୍ଜାତୀୟ ପରିସ୍ଥିତି ବିଶେଷକରି କେନ୍ଦ୍ରରେ ବି.ଜେ.ପି ସରକାର ଦ୍ୱାରା ଗ୍ରହଣ କରାଯାଉଥିବା ଫାଶିବାଦୀ ପଦକ୍ଷେପଗୁଡ଼ିକ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। କେଉଁ ଉଦ୍ଦେଶ୍ୟରେ ନିର୍ବାଚନ ପୂର୍ବରୁ ପୁଞ୍ଜିପତିଶ୍ରେଣୀ ଓ କର୍ପୋରେଟ୍ ହାଉସ ନରେନ୍ଦ୍ର ମୋଦିଙ୍କୁ ମହାମାନବ ଓ ଜନଗଣଙ୍କ ତ୍ରାଣକର୍ତ୍ତାଭାବେ ଦେଶ ସମ୍ମୁଖରେ ଉପସ୍ଥାପିତ କରିଥିଲା, ସେ ସମ୍ପର୍କରେ କମ୍ରେଡ୍ ବୋଷ ଆଲୋଚନା କରିଥିଲେ। ସରକାର ଗୋଟିଏ ପରେ ଗୋଟିଏ ଚରମ ଜନମାରଣ ନୀତି ଗ୍ରହଣ କରୁଛନ୍ତି, ଆଗକୁ ଆହୁରି ଭୟଙ୍କର ଦୁର୍ଦ୍ଦିନ ଆସୁଛି ଓ ଏହାକୁ ପ୍ରତିହତ କରିବା ପାଇଁ ଶକ୍ତିଶାଳୀ ଗଣତାନ୍ତ୍ରିକ ଗଣଆନ୍ଦୋଳନ, ବିଭିନ୍ନ ବାମ-ଗଣତାନ୍ତ୍ରିକ ଶକ୍ତିମାନଙ୍କ ଐକ୍ୟବଦ୍ଧ ଆନ୍ଦୋଳନର ଜରୁରୀ ଆବଶ୍ୟକତା ରହିଛି ବୋଲି କମ୍ରେଡ୍ ବୋଷ ତାଙ୍କ ଆଲୋଚନାରେ ପ୍ରକାଶ କରିଥିଲେ। ଜନଗଣଙ୍କ ସମ୍ପତ୍ତି ବିଶେଷକରି ଚାଷ ଜମି, ଘରଡିହକୁ ପୁଞ୍ଜିପତିମାନଙ୍କୁ ବଳପୂର୍ବକ ଦେଇ ଦେବା ପାଇଁ ସରକାର ଅତ୍ୟନ୍ତ ଜନବିରୋଧୀ ଅଧ୍ୟାଦେଶ ଜାରୀ କରିଛନ୍ତି। ଲୋକଙ୍କର ବହୁ କଷ୍ଟାର୍ଜିତ ଗଣତାନ୍ତ୍ରିକ ଅଧିକାରଗୁଡ଼ିକୁ ହରଣ କରୁଛନ୍ତି। ମାତ୍ର ସବୁଠାରୁ କ୍ଷତିକାରକ ବିଷୟ ହେଉଛି ଶୋଷିତ ଜନଗଣଙ୍କର ଐକ୍ୟକୁ ଧ୍ୱଂସ କରି ଐକ୍ୟବଦ୍ଧ ଗଣ ଆନ୍ଦୋଳନକୁ ଅଙ୍କୁରରେ ବିନଷ୍ଟ କରିବା ପାଇଁ ଜାତି ଧର୍ମ ଆଞ୍ଚଳିକତା ଆଦି ଘୃଣ୍ୟ ବିଭେଦକାରୀ ଚିନ୍ତାଗୁଡ଼ିକୁ ପ୍ରୋତ୍ସାହିତ କରିବା। ସାଧାରଣ ଲୋକଙ୍କ ମଧ୍ୟରେ ଚରମ ସନ୍ଦେହ, ଅବିଶ୍ୱାସ, ଘୃଣା ଓ ସାମ୍ପ୍ରଦାୟିକ ବିଦ୍ୱେଷକୁ ଜିଆଇ ରଖାଯାଉଛି। ଜର୍ମାନୀ ଓ ଇଟାଲୀରେ ମାନବ ସଭ୍ୟତାର ଘୃଣ୍ୟତମ ଶତ୍ରୁ ଫାଶିବାଦ ପ୍ରତିଷ୍ଠା ପାଇଁ ହିଟଲର, ମୁସୋଲିନୀ ଉଗ୍ର ଜାତ୍ୟାଭିମାନ ଗଢି ତୋଳିବା ପାଇଁ ପୁରାଣ ଗାଥାକୁ ଇତିହାସର ଆଖ୍ୟାଦେଇ ଇତିହାସର ପୁନଃଲିଖନ କରିଥିଲା। ଅବୈଜ୍ଞାନିକ ବିଷୟବସ୍ତୁ ତଥା ବିଜ୍ଞାନ ବିରୋଧୀ ଚିନ୍ତାକୁ ବିଜ୍ଞାନର ନାଁ ଦେଇ ପ୍ରକୃତ ବିଜ୍ଞାନକୁ ଧ୍ୱଂସ କରିବାର ଷଡଯନ୍ତ୍ର କରିଥିଲେ ଠିକ୍ ସେହିଭଳି ବର୍ତ୍ତମାନ ବି.ଜେ.ପି ସରକାର ଇତିହାସ ଓ ବିଜ୍ଞାନର ପୁନଃଲିଖନ କରୁଛି। ଚରମ ପ୍ରତିକ୍ରିୟାଶୀଳ ପୁରୁଣା ଅକାର୍ଯ୍ୟକାରୀ ଚିନ୍ତାସବୁକୁ ପୁଣି ଫେରାଇ ଆଣିବା ପାଇଁ ଶିକ୍ଷା ବ୍ୟବସ୍ଥାରେ ତଥାକଥିତ ସଂସ୍କାର ଚାଲିଛି ଓ ସେହି ଅନୁଯାୟୀ ପାଠ୍ୟପୁସ୍ତକଗୁଡ଼ିକ ପ୍ରଣୟନ କରାଯାଉଛି। ଗୁଜୁରାଟରେ ସରକାରୀ ବିଦ୍ୟାଳୟରେ ଲାଗୁ କରାଯାଇଥିବା ଆର୍.ଏସ୍.ଏସ୍ ନେତା ଦିନନାଥ ବାତ୍ରାଙ୍କ ଚରମ ଅବୈଜ୍ଞାନିକ ଓ ପ୍ରତିକ୍ରିୟାଶୀଳ ପାଠ୍ୟପୁସ୍ତକ ସମଗ୍ର ଦେଶରେ ପ୍ରଚଳନ କରିବା ପାଇଁ ଯୋଜନା ଚାଲିଛି।

ଚରମ ସଂକଟ ଜର୍ଜରିତ ବିପ୍ଳବଭୀତ ପୁଞ୍ଜିପତିଶ୍ରେଣୀକୁ ବଞ୍ଚାଇବାକୁ ହେଲେ ସର୍ବାତ୍ମକ ଫାଶିବାଦୀ ନିତି ଆପଣେଇବା ଛଡା ଅନ୍ୟପନ୍ଥା ନାହିଁ। ସେହି କାର୍ଯ୍ୟ ସମ୍ପାଦନା କରିବା ନିମିତ୍ତ ପୁଞ୍ଜିପତିଶ୍ରେଣୀର ସେବାଦାସ ବି.ଜେ.ପି ସରକାର ଜନଗଣଙ୍କୁ ଧର୍ମାନ୍ଧ, ଉଗ୍ର ଓ ବିବେକହୀନ ଯନ୍ତ୍ରମାନବରେ ପରିଣତ କରିବା ପାଇଁ ହିଁ ଏହିଭଳି ଯୋଜନାବଦ୍ଧ ଷଡଯନ୍ତ୍ର ଅତି ଦ୍ରୁତ କାର୍ଯ୍ୟକାରୀ କରିଚାଲିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମହାନ୍ ନେତା କମ୍ରେଡ୍ ଷ୍ଟାଲିନଙ୍କ ନେତୃତ୍ୱରେ ସୋଭିଏତ୍ ଋଷର ଲାଲଫୌଜ ବିଶ୍ୱମାନବତାକୁ ଏହି ଘୃଣ୍ୟ ଫାଶିବାଦ କବଳରୁ ରକ୍ଷା କରିଥିଲା। ଅନ୍ୟତମ ଶ୍ରେଷ୍ଠ ମାର୍କ୍ସବାଦୀ ଦାର୍ଶନିକ କମ୍ରେଡ୍ ଶିବଦାସ ଘୋଷ ଦ୍ୱିତୀୟ ବିଶ୍ୱଯୁଦ୍ଧୋତ୍ତର ପରିସ୍ଥିତିର ବ୍ୟାଖ୍ୟା କରି କହିଥିଲେ ଯେ, ଫାସିଷ୍ଟ ଜର୍ମାନୀ ଇଟାଲୀର ପତନ ଘଟିଛି ମାତ୍ର ଉନ୍ନତ, ଅନୁନ୍ନତ ସମସ୍ତ ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ଦେଶମାନଙ୍କରେ ଫାଶିବାଦ ଏକ ସାଧାରଣ ବୈଶିଷ୍ଟ୍ୟ ଭାବରେ ତିଷ୍ଠି ରହିଛି। ଏଓଲି ସେଓଲି ବଜାର ସଂକଟରେ ଜର୍ଜରିତ ପୁଞ୍ଜିବାଦ-ସାମ୍ରାଜ୍ୟବାଦର ବଞ୍ଚିବାର ଶେଷ ଅବଲମ୍ବନ ହେଉଛି ଏହି ଘୃଣ୍ୟ ଫାଶିବାଦ। ମାର୍କ୍ସବାଦର ଜ୍ଞାନ ଭଣ୍ଡାରରେ କମ୍ରେଡ୍ ଶିବଦାସ ଘୋଷଙ୍କର ଏହା ଏକ ସଂଯୋଜନ।

ମାର୍କ୍ସବାଦ-ଲେନିନ୍‌ବାଦ-କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତାଧାରାର ଆଧାରରେ ଏହି ଘୃଣ୍ୟ ଫାଶିବାଦକୁ ଆଜି ଯେକୌଣସି ମୂଲ୍ୟଦେଇ ପ୍ରତିହତ କରିବାକୁ ହେବ ବୋଲି କମ୍ରେଡ୍ ବୋଷ ଉପସ୍ଥିତ ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇଥିଲେ।

ଆହୁରି ମଧ୍ୟ କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତାଧାରା ଆଜି କିଭଳି ବିଶ୍ୱର ବିଭିନ୍ନ ଦେଶର ଶୋଷିତ ମଣିଷ ଦ୍ୱାରା ଆଦୃତ ହେଉଛି ସେ ସମ୍ପର୍କରେ କମ୍ରେଡ୍ ବୋଷ ଆଲୋକପାତ କରିଥିଲେ। ବଙ୍ଗଳାଦେଶରେ କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତାଧାରାର ଭିତ୍ତିରେ କମ୍ରେଡ୍ ମୁବିନୁଲ ହାଇଦର ଚୌଧୁରୀ କିଭଳି କଠୋର ସଂଗ୍ରାମ ମଧ୍ୟଦେଇ ବାଂଲାଦେଶ ସମାଜତାନ୍ତ୍ରିକ ଦଳ(ମାର୍କ୍ସବାଦୀ) ଗଠନ କରିଛନ୍ତି ତାହା ଆଲୋଚନା କଲାବେଳେ ପ୍ରତିନିଧିମାନଙ୍କ ମଧ୍ୟରେ ପ୍ରଚଣ୍ଡ ଭାବାବେଗ ସୃଷ୍ଟି ହୋଇଥିଲା। ମାର୍କ୍ସବାଦ-ଲେନିନ୍‌ବାଦ-କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତାଧାରାକୁ ଗଭୀର ଅନୁଶୀଳନ କରିବା, ଏକ କମ୍ୟୁନିଷ୍ଟ ପାର୍ଟିର ନୟନ ପିତୁଳା ଗଣତାନ୍ତ୍ରିକ କେନ୍ଦ୍ରୀକରଣ ନୀତିକୁ ଆହୁରି ଗଭୀରଭାବରେ ଉପଲବ୍ଧି କରି ଏହାର ବିକାଶ କରିବା ଓ ଭାରତବର୍ଷରେ ସମାଜତାନ୍ତ୍ରିକ ବିପ୍ଳବ ସଫଳ ନିମନ୍ତେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)କୁ ଶକ୍ତିଶାଳୀ କରି ଗଢି ତୋଳିବା ପାଇଁ କମ୍ରେଡ୍ ବୋଷ ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇଥିଲେ। ମହାନ୍ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ଓ ଆନ୍ତର୍ଜାତିକ ସଂଗୀତ ପରିବେଷଣ ପରେ ଶିକ୍ଷା ଶିବିରର କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

# ପେଶୱାରଠାରେ ସଂଗଠିତ ଗଣହତ୍ୟା ସମ୍ପର୍କରେ ପାକିସ୍ଥାନ କମ୍ୟୁନିଷ୍ଟ ପାର୍ଟିର ପ୍ରେସ୍ ଇସ୍ତାହାର

''ପେଶୱାରସ୍ଥିତ ପଦାତିକ ବାହିନୀ ଦ୍ୱାରା ପରିଚାଳିତ ଇଂରେଜୀ ମାଧ୍ୟମ ବିଦ୍ୟାଳୟ ଉପରେ ହୋଇଥିବା ବର୍ବରୋଚିତ ଆକ୍ରମଣ ପାକିସ୍ଥାନ ରାଷ୍ଟ୍ରର ମୂଳ ସତ୍ତା ଉପରେ ଏକ ଖୋଲା ଆକ୍ରମଣ। Cold bloodରେ ନୃଶଂସଭାବରେ ହତ୍ୟା କରାଯାଇଥିବା ୧୩୨ ଜଣ ନିରୀହ ଶିଶୁଙ୍କ ସମେତ ସମୁଦାୟ ୧୪୨ ଜଣ ଲୋକଙ୍କର ପୈଶାଚିକ ଗଣହତ୍ୟାକୁ ପାକିସ୍ଥାନ କମ୍ୟୁନିଷ୍ଟ ପାର୍ଟି କଠୋରତମ ସମ୍ଭବ ଭାଷାରେ ନିନ୍ଦା କରୁଛି। ଏହା ହେଉଛି ପାକିସ୍ଥାନୀ ରାଷ୍ଟ୍ର ଲଗାତରଭାବରେ ଅନୁସରଣ କରି ଆସୁଥିବା ନୀତିର ପରିଣାମ। ସେହି ସମସ୍ତ ଶକ୍ତି ଓ ଅନୁଷ୍ଠାନଗୁଡ଼ିକୁ ନିଶ୍ଚିତଭାବରେ ଏହି ଧରଣର କାପୁରୁଷୋଚିତ କାର୍ଯ୍ୟ ପାଇଁ ଦାୟୀ ରହିବାକୁ ହେବ। ସାଉଦି ଆରବିୟାରୁ ନିର୍ଦ୍ଦେଶ ପାଇବା ପରେ ପଡୋଶୀ ଆଫଗାନିସ୍ଥାନର ମେହେନତୀ ଜନସାଧାରଣଙ୍କ ଉପରେ ରକ୍ତାକ୍ତ ଆକ୍ରମଣ ଚଳାଇବା ପାଇଁ ଏହି ସମସ୍ତ ଶକ୍ତିଗୁଡ଼ିକ ମାର୍କିନ ସାମ୍ରାଜ୍ୟବାଦୀ ଶିବିର ସହିତ ଘନିଷ୍ଠ ହୋଇ ରହିଛନ୍ତି ଏବଂ ଦୀର୍ଘ ଦିନ ଧରି ସମଗ୍ର ବିଶ୍ୱର ବିଭିନ୍ନ ସ୍ଥାନକୁ କଦର୍ଯ୍ୟ ସନ୍ତ୍ରାସବାଦୀମାନଙ୍କୁ ଓ ସନ୍ତ୍ରାସବାଦକୁ ରପ୍ତାନୀ କରୁଛନ୍ତି। ତାଲିବାନମାନଙ୍କୁ ପାକିସ୍ଥାନର ଏହି ଆଞ୍ଚଳିକ ରାଜଧାନୀରେ ସେମାନଙ୍କର ଅଫିସ ପ୍ରତିଷ୍ଠା କରିବା ସପକ୍ଷରେ ଖୋଲାଖୋଲିଭାବରେ ଓକିଲାତି କରୁଥିବା ଏବଂ ତାଲିବାନମାନଙ୍କର ଛାମୁଆ କାର୍ଯ୍ୟାଳୟଭାବରେ ବ୍ୟବହୃତ ହେବା ପାଇଁ ସେମାନଙ୍କର ନିଜ ପରିଚାଳନାଧୀନ ଧର୍ମୀୟ ଶିକ୍ଷାନୁଷ୍ଠାନ(ମାଦ୍ରାସା)ଗୁଡ଼ିକୁ ଯୋଗାଇ ଦେବା ଜରିଆରେ ତାଲିବାନମାନଙ୍କ ପ୍ରତି ହାର୍ଦ୍ଦିକ ଅନୁଗତ୍ୟ ଘୋଷଣା କରିଥିବା ସମସ୍ତଙ୍କ ବିରୁଦ୍ଧରେ ଦୃଢ ପଦକ୍ଷେପ ନିଶ୍ଚିତଭାବରେ ଗ୍ରହଣ କରାଯିବା ଆବଶ୍ୟକ।

ସାରା ଦେଶରେ ପାକିସ୍ଥାନ ସ୍ଥଳସେନା ଦ୍ୱାରା ପରିଚାଳିତ ୧୨୯ଟି ଇଂରାଜୀ ମାଧ୍ୟମ ସ୍କୁଲ ରହିଛି ଯେଉଁଠାରେ କି ପାକିସ୍ଥାନର ସାମରିକ ବାହିନୀ ଓ ମୁଖ୍ୟତଃ ଉଚ୍ଚ ବର୍ଗର ପିଲାମାନେ ପାଠ ପଢନ୍ତି। ଏହି ସାମରିକ ବାହିନୀ ଓ ଉଚ୍ଚବର୍ଗ ବର୍ତ୍ତମାନ ତାଲିବାନ୍ ପକ୍ଷରୁ ଆକ୍ରମଣର ସମ୍ମୁଖୀନ ହୋଇଛି। ପେଶୱାର ଠାରେ ଘଟିଥିବା ଘୃଣ୍ୟ ବର୍ବରତାର ଶୀକାର ପ୍ରତ୍ୟେକଟି ପିଲାକୁ ନିଜର ସନ୍ତାନଭାବରେ ଗ୍ରହଣ କରି ସାରା ଦେଶ ଏକ ସାଙ୍ଗରେ ଶୋକ ପ୍ରକଟ କରୁଛି। ରାଷ୍ଟ୍ର ଏସବୁ ପରେ ସ୍ୱଭାବିକ ଅବସ୍ଥା ପୁନଃ ପ୍ରତିଷ୍ଠା କରିବା ଓ ଧର୍ମୀୟ ମୌଳବାଦ ଏବଂ ସନ୍ତ୍ରାସବାଦ ବିରୁଦ୍ଧରେ ଆନ୍ତରିକତାର ସହିତ ଉପଯୁକ୍ତ ନୀତି ଗ୍ରହଣ କରିବାକୁ ପାକିସ୍ଥାନ କମ୍ୟୁନିଷ୍ଟ ପାର୍ଟି ଏହାର ଦାବି ପୁଣି ଥରେ ଦୋହରାଉଛି।

ପାକିସ୍ଥାନ କମ୍ୟୁନିଷ୍ଟ ପାର୍ଟି ଏକଥା ଲକ୍ଷ୍ୟ କରୁଛି ଯେ, ଏହାର ପୁରୁଣା ଭିତ୍ତି ଉପରେ ପାକିସ୍ଥାନ ପକ୍ଷରେ ତିଷ୍ଠି ରହିବା କାର୍ଯ୍ୟକାରୀଭାବରେ ଆଉ ସମ୍ଭବ ନୁହେଁ। ତିଷ୍ଠି ରହିବାକୁ ହେଲେ ପାକିସ୍ଥାନକୁ ଏହାର ଧର୍ମୀୟ ରୀତିନୀତିରୁ ସମ୍ପୂର୍ଣ୍ଣ ଦୂରେଇ ରହିବାକୁ ହେବ ଏବଂ ଚିରଦିନ ପାଇଁ ରାଷ୍ଟ୍ରର ପରିଚାଳନା କ୍ଷେତ୍ରରୁ ଧର୍ମୀୟ ପ୍ରଭାବକୁ ପୃଥକ କରିବାକୁ ହେବ। ଏହା ସହିତ ବର୍ତ୍ତମାନ ଦେଖାଯାଉଥିବା ଧର୍ମୀୟ ସାମ୍ପ୍ରଦାୟିକତା ଏବଂ ସମସ୍ତ ମୌଳବାଦୀ ପ୍ରବଣତା ବିରୁଦ୍ଧରେ ନିଷ୍ପତ୍ତିମୂଳକ ପଦକ୍ଷେପ ଗ୍ରହଣ କରିବାକୁ ହେବ।

ପାକିସ୍ଥାନର ଶ୍ରମଜୀବୀ ଜନସାଧାରଣଙ୍କର ବୃହତ୍ତର ସ୍ୱାର୍ଥ ତଥା ଏହି ଅଞ୍ଚଳରେ ଏବଂ ଏହି ଅଞ୍ଚଳ ବାହାରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଓ ପ୍ରଗତି ଦୃଷ୍ଟିରୁ ପାକିସ୍ଥାନରେ ସ୍ୱେଚ୍ଛାକୃତଭାବରେ ଏବଂ ବିଭିନ୍ନ ଜାତୀୟତାମାନଙ୍କର ସହମତି ଭିତ୍ତିରେ ଏକ ସଂଘୀୟ, ଧର୍ମନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ର ନିଶ୍ଚିତଭାବରେ ପ୍ରତିଷ୍ଠିତ ହେବା ଆବଶ୍ୟକ।

# ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତିଙ୍କର ମୋଦୀଙ୍କୁ ପ୍ରଶଂସା- ଏସ୍‌ୟୁସିଆଇ(ସି)ର ନାପସନ୍ଦ

ଏସ୍‌ୟୁସିଆଇ(ସି) ଦଳର ସାଧାରଣ ସଂପାଦକ କମ୍ରେଡ୍ ପ୍ରଭାସ ଘୋଷ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି ଯେ-ସାମ୍ବାଦିକମାନଙ୍କ ସହିତ ଆଳାପ ସମୟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ 'ଜଣେ ଉତ୍ତମ ନେତା, ଖୁବ୍ ଭଲ ମଣିଷ ଏବଂ ଦୂରଦୃଷ୍ଟି ସଂପନ୍ନ ବ୍ୟକ୍ତି' ବୋଲି ମନ୍ତବ୍ୟ ଦେଇ କରିଥିବା ପ୍ରଶଂସା ଅତ୍ୟନ୍ତ ଉଦ୍‌ବେଗଜନକ। ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟ ବିଚାରପତିଙ୍କର ଏହିଭଳି ସାର୍ଟିଫିକେଟ ଗଣତନ୍ତ୍ରର ମୂଳ ନୀତିର ଘୋର ବିରୁଦ୍ଧାଚରଣ କରୁଛି, ଯେଉଁଥିରେ କି ବିଚାର ବିଭାଗକୁ ଏହାର ସ୍ୱୟଂଶାସନ ଓ ନିରପେକ୍ଷତା ସୁରକ୍ଷିତ କରିବା ଏବଂ ବିଚାର ବିଭାଗ କେବଳ କୌଣସି ଶାସକ ନୁହେଁ ଏପରିକି ସାଧାରଣ ଜୀବନରେ ଥିବା ଯେ କୌଣସି ବ୍ୟକ୍ତିଙ୍କ ସଂପର୍କରେ ଅନୁକୂଳ-ପ୍ରତିକୂଳ ମତାମତ ଅପ୍ରକାଶିତ ରଖିବ ବୋଲି ଧରି ନିଆଯାଇଛି। ଏହାର କୌଣସି ବ୍ୟତିକ୍ରମ ବୁର୍ଜୁଆ ଗଣତନ୍ତ୍ରରେ 'କ୍ଷମତାର ପୃଥିକୀକରଣ'ର ଧାରଣା ସଂପର୍କିତ ପ୍ରତିବନ୍ଧକର ସୀମା ଲଂଘନ ସହିତ ସମାନ

ମାନ୍ୟବର ମୁଖ୍ୟବିଚାରପତିଙ୍କର ଏହିଭଳି ନଜିରବିହୀନ ଏବଂ ଦାୟିତ୍ୱହୀନ ମନ୍ତବ୍ୟକୁ ଆମେ ସଂପୂର୍ଣ୍ଣ ଅଗ୍ରାହ୍ୟ କରୁଛୁ, ଏହା ଜନସାଧାରଣଙ୍କ ମଧ୍ୟରେ ବିଭ୍ରାନ୍ତିକର ଧାରଣା ସୃଷ୍ଟି କରିବ ବୋଲି ଆମେ ମନେକରୁଛୁ।

# କେନ୍ଦ୍ରୀୟ ବଜେଟ୍‌ରେ ସ୍ୱାସ୍ଥ୍ୟସେବା ପାଇଁ ବ୍ୟୟବରାଦ ହ୍ରାସକୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳର ନିନ୍ଦା

୨୦୧୪ ମସିହା ଡିସେମ୍ବର ମାସ ୨୪ତାରିଖ ଦିନ ଏସ୍‌ୟୁସିଆଇ(ସି)ର ସାଧାରଣ ସଂପାଦକ କମ୍ରେଡ୍ ପ୍ରଭାସ ଘୋଷ ଏକ ପ୍ରେସ ଇସ୍ତାହାରରେ ୨୦୧୪-୧୫ ଆର୍ଥିକ ବର୍ଷର ବଜେଟ୍‌ରେ ସ୍ୱାସ୍ଥ୍ୟସେବା ବାବଦରେ ବର୍ତ୍ତମାନ ତୁଳନାରେ ଶତକଡା ୨୦ଭାଗ ବ୍ୟୟ ହ୍ରାସ କରିବା ପାଇଁ କେନ୍ଦ୍ର ସରକାର ଗ୍ରହଣ କରିଥିବା ନିଷ୍ପତ୍ତିକୁ ନିନ୍ଦାକରି କହିଛନ୍ତି ଯେ କେନ୍ଦ୍ର ସରକାରଙ୍କର ଏହି ନିଷ୍ପତ୍ତି ନିଶ୍ଚିତ ଭାବରେ ଜନବିରୋଧୀ ଏବଂ ଜୀବନ ରକ୍ଷାକାରୀ ଔଷଧ ଓ ଉପଯୁକ୍ତ ଡାକ୍ତରୀ ଚିକିତ୍ସା ନପାଇ ବିଲେଇ କୁକୁରଙ୍କ ଭଳି ମୃତ୍ୟୁବରଣ କରୁଥିବା ଦେଶର ସାଧାରଣ ଲୋକଙ୍କ ଉପରେ ଏକ ମାରାତ୍ମକ ଆକ୍ରମଣ।

ଅଳ୍ପ କେତେମାସ ପୂର୍ବରୁ ୧୦୮ ପ୍ରକାର ଅତ୍ୟାବଶ୍ୟକ ଔଷଧର ଦରକୁ ନିୟନ୍ତ୍ରଣମୁକ୍ତ କରିବା ପରେ ପରେ ଗ୍ରହଣ କରାଯାଇଥିବା ଏହିଭଳି ଏକ ପଦକ୍ଷେପ ପୃଥିବୀର ଯେକୌଣସି ଦେଶର ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କରୁଥିବା ଖର୍ଚ୍ଚ ତୁଳନାରେ ସର୍ବନିମ୍ନ ଖର୍ଚ୍ଚ-ଜିଡିପିର ମାତ୍ର ଶତକଡା ୧ଭାଗ-ଆମ ଦେଶରେ କରାଯାଉଥିବାରୁ ଏହାର ପରିଣାମରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଘୋର ଅଭାବ ଏବଂ ଜୀବନରକ୍ଷାକାରୀ ଔଷଧର ଅତ୍ୟନ୍ତ ସୀମିତ ଯୋଗାଣ ହେଉଛି ଏବଂ ଏହା ଫଳରେ ମାମୁଲି ଧରଣର, ସହଜରେ ରୋକାଯାଇପାରୁଥିବା ଓ ନାନାବିଧ ସଂକ୍ରାମକ ରୋଗଦ୍ୱାରା ଅତିସହଜରେ ଶୀକାର ହେଉଥିବା ଆମଦେଶର ରୋଗାକ୍ରାନ୍ତ, ବିପର୍ଯ୍ୟସ୍ତ ଓ ପୁଷ୍ଟିହୀନତାର ଶୀକାର ଜନସାଧାରଣଙ୍କୁ ମରଣାନ୍ତକ ଭାବରେ କ୍ଷତିଗ୍ରସ୍ତ କରିବ।

ଯେତେବେଳେ ସରକାରଙ୍କର ପ୍ରତିରକ୍ଷା ବାବଦ ଖର୍ଚ୍ଚ ଅସାଧାରଣ ଭାବରେ ଅଧିକ ଏବଂ ଏହି ଖର୍ଚ୍ଚ ପ୍ରତିବର୍ଷ ବୃଦ୍ଧି ପାଇଚାଲିଛି, ଉନ୍ନତ ଓ ଅତ୍ୟାଧୁନିକ ସାମରିକ ଅସ୍ତ୍ରଶସ୍ତ୍ର ଖରିଦ୍‌ପାଇଁ ବ୍ୟୟ ବଢିଚାଲିଛି, ମନ୍ତ୍ରୀ, ସାଂସଦ ଓ ପ୍ରଶାସକମାନଙ୍କର ବିଳାସବ୍ୟସନ ପାଇଁ ଖର୍ଚ୍ଚ ବଢିଚାଲିଛି ସେତେବେଳେ ଗୋଟିଏ ପରେ ଗୋଟିଏ ସରକାରଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା, ଶିକ୍ଷା, ଖାଦ୍ୟ ଓ ଜାଳେଣୀ ଇତ୍ୟାଦି କ୍ଷେତ୍ରରେ ଖର୍ଚ୍ଚକାଟ ଜନସାଧାରଣଙ୍କ ଉପରେ ଲଦି ଦିଆଯାଉଛି ଏବଂ ଏହା ମୋଦୀ ସରକାରର ଧୂଆଁବାଣକୁ ମଧ୍ୟ ଜନସାଧାରଣଙ୍କ ସମ୍ମୁଖରେ ଉନ୍ମୋଚିତ କରିଛି।

କେନ୍ଦ୍ର ସରକାରଙ୍କର ଏହି ଘୃଣ୍ୟ ପଦକ୍ଷେପ ବିରୁଦ୍ଧରେ ପ୍ରତିବାଦ କରିବା ସଂଗେ ସଂଗେ ଏହି ନିଷ୍ପତ୍ତି ବିରୁଦ୍ଧରେ ଶକ୍ତିଶାଳୀ ଗଣଆନ୍ଦୋଳନ ଗଢିତୋଳିବା ମାଧ୍ୟମରେ ଘୃଣ୍ୟ ନିଷ୍ପତ୍ତି ପ୍ରତ୍ୟାହାର କରିବାପାଇଁ ସରକାରଙ୍କୁ ବାଧ କରିବାକୁ ଆମେ ଜନସାଧାରଣଙ୍କୁ ଆହ୍ୱାନ କରୁଛୁ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Orissa E-mail: sarbaharakranti@yahoo.co.in
Editor : Bishnu Das